ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.33 Bhubaneswar Friday March 10 2023 | ୨୬ତମ ବର୍ଷ ସଂଖ୍ୟା–୩୩ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹ 1.50 | (Air Surcharge - 0.50P) | Member-INS


## ନେତୃତ୍ୱ ସଙ୍କଟରେ ରାଜ୍ୟ କଂଗ୍ରେସ, ସତର୍କ କରାଇଲେ ମୋକିମ୍

ଭୁବନେଶ୍ୱର, ୯ ।୩(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟରେ ନିଜର ଅଂଟା ସଳଖିବା ପାଇଁ ଉଦ୍ୟମ କରୁଥିବାବେଳେ ଆଜି ଦଳର ବରିଷ୍ଠ ନେତା ତଥା ବାରବାଟୀ–କଟକ ବିଧାୟକ ମହମ୍ମଦ ମୋକିମ୍ କଂଗ୍ରେସର ରାଜ୍ୟ ନେତୃତ୍ୱଙ୍କୁ ସତର୍କ କରାଇଛନ୍ତି । ଜାନକୀ ବଲ୍ଲଭ ପଟ୍ଟନାୟକ, ବସନ୍ତ ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳଙ୍କ ଭଳି ନେତାଙ୍କ ପରେ ରାଜ୍ୟ କଂଗ୍ରେସ ଆଜିପର୍ଯ୍ୟନ୍ତ ସେମାନଙ୍କ ଭଳି ଲୋକପ୍ରିୟ ନେତାଙ୍କୁ ଆଗକୁ ଆଣିବାରେ ସକ୍ଷମ ହୋଇନଥିବା ତଥା ବର୍ତ୍ତମାନର ନେତୃତ୍ୱ ଏହି ସମସ୍ୟା ପ୍ରତି ସଚେତନ ରହିବେ ବୋଲି ମୋକିମ୍ ଆଶା ବ୍ୟକ୍ତ କରିଛନ୍ତି । ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୋକିମ୍ କହିଛନ୍ତି ଯେ,ସେ କଂଗ୍ରେସରେ ହିଁ ଅଛନ୍ତି । ରାଜ୍ୟରେ ଦଳକୁ ସୁଦୃ ? କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇ ଏବେ ନିର୍ବାଚନ ହେବାକୁ ବେଶ୍ କିଛି ସମୟ ଥିବାରୁ ସାଧାରଣ ଭୋଟରଙ୍କ ପାଖରେ ପହଂଚିବା ପାଇଁ ଦଳର ବରିଷ୍ଠ ନେତାମାନେ କାର୍ଯ୍ୟ କରିବା ଆବଶ୍ୟକ




। ରାଜ୍ୟ ବିଧାନସଭାରେ ୧୪୭ ବିଧାୟକ ଥିବାବେଳେ କଂଗ୍ରେସର ମାତ୍ର ୯ ଜଣ ବିଧାୟକ ଅଛନ୍ତି । ଉପନିର୍ବାଚନରେ ବି ଦଳ ବିଶେଷ ପ୍ରଭାବ ପକାଇ ପାରିଲା ନାହିଁ । ତେଣୁ ବାସ୍ତବତାକୁ ଗ୍ରହଣ କରି ପରିଶ୍ରମ ନକଲେ ରାଜ୍ୟରେ କଂଗ୍ରେସର ସ୍ଥିତି ଆହୁରି ଖରାପ ହେବ । ଦଳକୁ ପୁଣିଥରେ ସକ୍ରିୟ କରିବା ନିମନ୍ତେ ରଣନୀତିର ଆବଶ୍ରକତା ରହିଛି ଓ ଦଳର ନେତା–କର୍ମୀମାନେ ଭୁବନେଶ୍ୱରରେ ଦଳୀୟ ମୁଖ୍ୟାଳୟରେ ନବସି ଲୋକଙ୍କ ପାଖକୁ ଯିବାର ଆବଶ୍ୟକତା ରହିଛି । କଂଗ୍ରେସରେ ଜାନକୀ ବଲ୍ଲଭ ପଟ୍ଟନାୟକ, ବସନ୍ତ ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳଙ୍କ ପରେ ସେଭଳି ଚେହେରା ନାହାନ୍ତି । ଏଭଳି ଲୋକପ୍ରିୟ ନେତୃତ୍ୱଙ୍କ ଅଭାବରୁ ଦଳ ସୁପ୍ତ ଅବସ୍ଥାକୁ ଆସିଗଲାଣି । ଲୋକଙ୍କ ପୁନଃ ଆସ୍ଥାଭଜନ ହେଲା ଭଳି ନେତା କଂଗ୍ରେସରେ ନାହାନ୍ତି ।

## ଆଜିଠୁ ମାଟ୍ରିକ ପରୀକ୍ଷା: ଏଥର ୫ ଲକ୍ଷ ୪୧ ହଜାର ୨୪୭ ପରୀକ୍ଷାର୍ଥୀ

କଟକ, ୯ ।୩(ପି.ଏନ): ଶୁକ୍ରବାର ଠାରୁ ମାଟ୍ରିକ ସମେଟିଭ ପରୀକ୍ଷା ଆରମ୍ଭ ହେବ। ୫ ଲକ୍ଷ ୪୧ ହଜାର ୨୪୭ ଜଣ ପରୀକ୍ଷାର୍ଥୀ ଆସନ୍ତାକାଲି ମାଟ୍ରିକ ସମେଟିଭ ପରୀକ୍ଷା ଦେବେ। ୩୨୧୮ କେନ୍ଦ୍ରରେ ପରୀକ୍ଷା କରାଯିବ। ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଅଫ ଓଡିଶା ପକ୍ଷରୁ ସୂଚନା ଦିଆଯାଇଛି । ବୋର୍ଡ ସଭାପତି ରମାଶିଷ ହାଜରା କହିଛନ୍ତି, ୩୧୬ଟି ନୋଡାଲ ସେଂଟର ରହିଥିବାବେଳେ ୨୨ଟି ପୁଲିସ ଷ୍ଟେସନ ରହିଛି। ସମସ୍ତ ଡିଓମାନଙ୍କୁ ତାଲିମ ଦିଆଯାଇଛି। ଏହାସହ ସମସ୍ତ ସେଂଟର ସୁପରିଣ୍ଟେଂଟମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ କହିଛନ୍ତି, ନୋଡାଲ ସେଂଟରମାନଙ୍କରେ ପରୀକ୍ଷା ପ୍ରଶ୍ନପତ୍ର ପହଂଚି ଯାଇଛି। ପରୀକ୍ଷା ସେଂଟରମାନଙ୍କରେ ପରୀକ୍ଷା ଦିନ ପହଂଚିବ। ପ୍ରତିଦିନ ସକାଳ ୬ଟାରୁ ୭ଟା ମଧ୍ୟରେ ପ୍ରଶ୍ନ ପତ୍ର ପହଂଚିବ । ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଥମ ଥର ପାଇ ଜିଲ୍ଲା ପ୍ରଶାସନ ଏସ୍କର୍ଟ କରି ପ୍ରଶ୍ନପତ୍ର ନେଇଯିବେ। ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।ଏଣେ ସକାଳ ୮ଟା ରୁ ପରୀକ୍ଷା ଆରମ୍ଭ ହେବ। ପ୍ରଥମ ଦିନ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସେଂଟରରେ ୧ଘଂଟା ପୂର୍ବରୁ ପହଂଚିବାକୁ ଅର୍ଥାତ ସକାଳ ୭ଟାରେ ପହଂଚିବାକୁ କୁହାଯାଇଛି । ତେବେ ପରବର୍ତୀ ଦିନ ମାନଙ୍କର ପିଲା ମାନେ ଏହାର ଦଶ ମିନିଟ ପରେ ମଧ୍ୟ ପହଂଚି ପାରିବେ। ମାଧ୍ୟମିକ ଶିକ୍ଷା ପରିଷଦ ଉପସଭାପତି ନିହାରରଞ୍ଜନ ମହାନ୍ତି କହିଛନ୍ତି ଯେ ଖରାକୁ ଆଖି ଆଗରେ ରଖି ପ୍ରଥମ ସିଟିଂରେ ଓ ସକାଳ ୮ଟାରୁ ପରୀକ୍ଷା କରାଯାଉଛି । ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ରକୁ ବ୍ଲୁ ଓ ବ୍ଲାକ ପେନ, ପେନସିଲ, ଜ୍ୟାମିତି ବାକ୍ସ ନେଇ ଯାଇପାରିବେ। ପରୀକ୍ଷା ହଲରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ସେଂଟର ଅଧୀକ୍ଷକ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମୋବାଇଲକୁ ଏସଓପି ଅନୁସାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି ଯେ ପରୀକ୍ଷାରେ ୫୦ ପ୍ରତିଶତ ସିଲାବସରୁ ପ୍ରଶ୍ନ ଆସିବ । ତେଣୁ ଛାତ୍ର ଛାତ୍ରୀ ମାନେ ଏହାସହ ଟେକ୍ସଟ ବୁକକୁ ଭଲ ଭାବେ ପଢି ପରୀକ୍ଷା ଦେଲେ ୮୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଶ୍ନର ଉତ୍ତର ଦେଇ ପାରିବେ ବୋଲି କହିଛନ୍ତି ।

## ଭ୍ୟାନ ଭିତରୁ ବସ୍ତାରେ ଭର୍ତି ହୋଇଥିବା ମୃତଦେହ ଉଦ୍ଧାର, ୫ ଅଟକ

ବଲାଙ୍ଗିର, ୯ ।୩(ପି.ଏନ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଚାବ୍ରିପାଲି ଗାଁରେ ଚାଂଚଲ୍ୟ। ବୁଧବାର ବିଳମ୍ବିତ ରାତ୍ରିରେ ଏକ ଭ୍ୟାନ ଭିତରୁ ବସ୍ତାରେ ଭର୍ତିହୋଇଥିବା ଏକ ମୃତଦେହ ଉଦ୍ଧାର କରିଛି ଖପ୍ରାଖୋଲ ପୋଲିସ। ଘଟଣାରେ ୫ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମୃତକ ଜଣକ ହେଲେ ପଦ୍ମପୁର ଥାନା ଗଡଭାଟି ଗାଁ ର ରୁଦ୍ରମେହର ବୋଲି ସୂଚନା ମିଳିଛି। କୌଣସି ଘଟଣାକୁ ନେଇ ଘରୋଇ ବିବାଦରୁ ଏଭଳି ଜଘନ୍ୟ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ସୂଚନା ଅନୁସାରେ, ଶ୍ୱଶୁର ଘର ଲୋକେ ଫିଟିଫିଟି ଜ୍ୱାଇଁକୁ ମାରିଦେବା ପରେ ଘଟଣାକୁ ଚପାଇ ଦେବା ପାଇଁ ଚେଷ୍ଟା କରି ଭ୍ୟାନରେ ଜରି ବସ୍ତାରେ ମୃତଦେହ ପୁରାଇ ଫିଙ୍ଗିବାକୁ ଉଦ୍ୟମ କଲା ବେଳେ ପୋଲିସ ସୂଚନା ପାଇ ଗାଡ଼ି ସହ ଅଭିଯୁକ୍ତଙ୍କୁ କାବୁ କରି ମୃତଦେହ ଜବତ କରିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ, ଖପ୍ରାଖୋଲ ଥାନା ଚାବ୍ରିପାଲି ଗ୍ରାମରୁ ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ଗଡ଼ଭାଟି ଗାଁର ରୁଦ୍ର ମେହେର ବିବାହ କରିଥିଲେ । ତାଙ୍କର ଦୀର୍ଘ ଦିନ ହେବା ପାରିବାରିକ କଳହ ଲାଗି ରହିଥିଲା । ଗତ ବୁଧବାର ଦିନ ତାଙ୍କ ସ୍ତ୍ରୀ ସରୋଜିନୀ ମେହେର ଏକ ବିବାହ ଉତ୍ସବକୁ ଯାଇଥିଲେ । ଜ୍ୱାଇଁ ଓ ଶ୍ୱଶୁର ଘର ଲୋକେ ଘରେ ଥିବା ସମୟରେ କୌଣସି କଥାକୁ ନେଇ କଳହ ସୃଷ୍ଟି ହୋଇଥିଲା । ଉକ୍ତ ସମୟରେ ହାତାହାତି ହୋଇ ଜ୍ୱାଇଁର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ଅନ୍ୟପକ୍ଷରେ ଶ୍ୱଶୁର ଘର ଲୋକେ ଉକ୍ତ ହତ୍ୟା ଘଟଣାକୁ ଚପାଇ ଦେବା ପାଇଁ ଏକ ଭ୍ୟାନ ନମ୍ବର ଓଡି ୦୩ ଏକ୍ସ – ୭୦୦୬ ରେ ଜ୍ୱାଇଁର ମୃତଦେହକୁ ଏକ ଜରି ବସ୍ତା ମାଧ୍ୟମରେ ଭର୍ତି କରି କୌଣସି ସ୍ଥାନରେ ଫିଙ୍ଗିଦେବା ଉଦ୍ୟମ ବିଫଳ ହୋଇଛି । ପୋଲିସ ବୁଧବାର ରାତ୍ରରେ ଉକ୍ତ ଘଟଣା ବିଷୟରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚାବ୍ରିପାଲ ଗାଁ କୁ ଯାଇ ଉଦ୍ଧବ ମେହେର (୫୫), ଅନିରୁଦ୍ଧ ମେହେର (୧୫), ସୁନିଲ କୁମାର ମେହେର ଓ ଅନ୍ୟ ଦୁଇ ଜଣଙ୍କୁ ଥାନାକୁ ଆଣି ଅଟକ ରଖି ଘଟଣାର ତଦନ୍ତ ଜାରୀ ରଖିଛି।

### ଫରେନ୍ସିକ ଲ୍ୟାବରେ ପହଂଚିଲା ପାରାଦୀପରୁ ଧରା ପଡ଼ିଥିବା ସନ୍ଦିଗ୍ଧ ପାରା

ଭୁବନେଶ୍ୱର , ୯ ।୩(ପି.ଏନ): ଭୁବନେଶ୍ୱର ଫରେନ୍ସିକ ଲ୍ୟାବରେ ପହଂଚିଛି ପାରାଦୀପରୁ ଧରା ପଡ଼ିଥିବା ସନ୍ଦିଗ୍ଧ ପାରା। କଟକ କ୍ରାଇମବ୍ରାଂଚ ପିଜିଅନ ସର୍ଭିସର ଏକ ଟିମ୍ ମଧ୍ୟ ଭୁବନେଶ୍ୱର ଫରେନ୍ସିକ ଲ୍ୟାବକୁ ଆଣିଛନ୍ତି। ପାରା ଶରୀରରେ ଲାଗିଥିବା ଚିପ, କ୍ୟାମେରା, ଚିଠି ଜବତ କରିବା ପରେ ପିଜିଅନ ସର୍ଭିସକୁ ପାରା ହସ୍ତାନ୍ତର କରାଯିବ ।ସୂଚନାଯୋଗ୍ୟ, ସମୁଦ୍ର ମଧ୍ୟକୁ ଯାଇଥିବା ସାରଥୀ ନାମକ ଏକ ବୋଟ୍ ଯାଇଥିବା ବେଳେ କୋଣାର୍କ ପାଖରୁ ପ୍ରାୟ ୪୩ ନର୍ଟିକାଲ୍ ମାଇଲ୍ ଦୂରରେ ଲଙ୍ଗର ପକେଇ ଥିଲା। ଏହି ସମୟରେ ଏହି ପାରା ଉଡି ଆସି ବୋଟରେ ବସିଥିଲା। ପାରାର ସାଜସଜ୍ଜା ସାମଗ୍ରୀ ଦେଖି ବୋଟ୍ କର୍ମଚାରୀଙ୍କ ସନ୍ଦେହ ହେବାରୁ ସେ ମାଲିକଙ୍କୁ ଜଣାଇଥିଲେ। ବୋଟର ମାଲିକଙ୍କ ପରାମର୍ଶରେ ଉକ୍ତ ପାରାକୁ ଧରି ପାରାଦୀପ ଆଣିଥିଲେ। ଏନେଇ ପାରାଦୀପ ସାମୁଦ୍ରିକ ଥାନାରେ ଖବର ଦେବା ପରେ ପୁଲିସ ପାରାଦୀପ ସ୍ଥିତ ଫିସିଙ୍ଗ୍ ହାରବରରେ ପହଂଚି ଉକ୍ତ ପାରାକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲା।

## ବିଜେପି ସହ ମେଣ୍ଟ ସମ୍ପର୍କ ଜାରି ରହିବ: ଏଆଇଏଡିଏମକେ

ଭୁବନେଶ୍ୱର, ୯ ।୩(ପି.ଏନ): ତୀବ୍ରମତଭେଦ ଓ ରାଜନୈତି କନ୍ଦଳ ସତ୍ତ୍ୱେ ତାମିଲନାଡୁର ଅଲ୍ ? ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କଜଗମ (ଏଆଇଏଡିଏମକେ) ଓ ବିଜେପି ମଧ୍ୟରେ ମେଣ୍ଟ ସମ୍ପର୍କ ବଜାୟ ରହିବ। ଆଗାମୀ ବିଧାନସଭା ଓ ସାଧାରଣ ନିର୍ବାଚନରେ ଉଭୟଙ୍କ ମଧ୍ୟରେ ଆସନ ବୁଝାମଣା ହେବ। ମେଣ୍ଟ ଭାଙ୍ଗିବ ନାହିଁ। ଗୁରୁବାର ଏଆଇଏଡିଏମକେ ଏହି ଘୋଷଣା କରିଛି। ଦଳର ନେତା ଡି. ଜୟଶଙ୍କର ଏହି ସୂଚନା ଦେଇଛନ୍ତି। ତାମିଲନାଡୁରେ ବିଜେପିର ମୋଟ ୧୩ ଜଣ କର୍ମକର୍ତ୍ତା ଦଳ ଛାଡି ଏହାର ମେଣ୍ଟ ସହଯୋଗୀ ଅଲ୍ ? ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କଜଗମ (ଏଆଇଏଡିଏମକେ)ରେ ଯୋଗ ଦେଇଛନ୍ତି। ଏହି ୧୩ ଜଣ ଦଳୀୟ ନେତା ଚେନ୍ନାଇ ପଶ୍ଚିମରେ ଥିବା ବିଜେପିର ଆଇଟି ଶାଖାର ସଦସ୍ୟ ଥିଲେ ।ଏହାକୁ ନେଇ ରାଜନୈତିକ ହଟଚ୍ଛମଟ ଜାରି ରହିଥିବା ବେଳେ ଉଭୟ ବିଜେପି ଓ ଏଆଇଏଡିଏମକେ ମଧ୍ୟରେ ସମ୍ପର୍କ ତୁଟିବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏସବୁ ଚର୍ଚ୍ଚାର ଆଜି ଦଳର ନେତା ଡି, ଜୟଶଙ୍କର ଅବସାନ ଘଟାଇଛନ୍ତି। ୨୦୧୯ ନିର୍ବାଚନ ପରଠାରୁ ବିଜେପି ସହ ମେଣ୍ଟ କରିବା



ପାଇଁ ଏଆଇଡିଏମକେ ୩ଟି ନିର୍ବାଚନରେ ପରାଜିତ ହୋଇସାରିଛି। ନିକଟରେ ଏକ ଉପନିର୍ବାଚନରେ ଉଭୟେ ବିଜେପି ଓ ଏଆଇଡିମକେ ମିଳିତ ଭାବେ ନିର୍ବାଚନ ଲ ?ିଥିଲେ। କିନ୍ତୁ ପରାଜୟର ମୁହଁ ଦେଖିବାକୁ ମଳିଥିଲା। ଅନେକ ଏଆଇଡିମକେ ନେତା କହିଛନ୍ତି ଯେ, ବିଜେପି ଏବେ ଦଳ ପାଇଁ ବୋଝ ହୋଇଛି। ତେଣୁ ମେଣ୍ଟ ସମ୍ପର୍କକୁ ନେଇ ପୁନର୍ବିଚାରର ଆବଶ୍ୟକତା ରହିଛି। ଗତକାଲି ବିଜେପି ଆଇଟି ୱିଙ୍ଗର ଜିଲ୍ଲା ସଭାପତି ଅନବରସନ ଏକ ବିବୃତିରେ କହିଛନ୍ତି, ମୁଁ ବର୍ଷ ବର୍ଷ ଧରି ବିଜେପି ପାଇଁ କାମ କରିଛି। ଲୋକମାନେ ଜାଣନ୍ତି ଯେ ମୁଁ କେବେ ବି କୌଣସି ପଦ ଆଶା କରିନାହିଁ। ଗତ କିଛି ଦିନ ଧରି ଦଳରେ ଦେଖାଦେଇଥିବା ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛି। ଏହି ବିବୃତିରେ ୧୦ ଜଣ ଆଇଟି ୱିଙ୍ଗ ଜିଲ୍ଲା ସମ୍ପାଦକ ଏବଂ ଦୁଇ ଜଣ ଆଇଟି ୱିଙ୍ଗ ଜିଲ୍ଲା ଉପସଚିବଙ୍କ ସ୍ୱାକ୍ଷର ରହିଛି ।ନିକଟରେ ବିଜେପିର ଅନେକ ବିଧାୟକ ଇସ୍ତଫା ଦେଇ ଏଆଇଏଡିଏମକେରେ ଯୋଗ ଦେଇଛନ୍ତି। ଗତ ମଙ୍ଗଳବାର ଦିନ ବିଜେପି ବୁଦ୍ଧିଜୀବୀ ଶାଖା ରାଜ୍ୟ ସମ୍ପାଦକ କ୍ରିଷ୍ଣନ, ଆଇଟି ଶାଖା ରାଜ୍ୟ ସମ୍ପାଦକ ଦିଲୀପ କାନନ, ତ୍ରିଚି ଗ୍ରାମୀଣ ଜିଲ୍ଲା ଉପାଧ୍ୟକ୍ଷ ବିଜୟ ଏବଂ ରାଜ୍ୟ ଓବିସି ଶାଖା ସମ୍ପାଦକ ଅମ୍ମୁ ଏଡାପାଡି କେ ପଲାନିସ୍ୱାମୀଙ୍କ ସହ ବୈଠକ କରିବା ପରେ ଏଆଇଏଡିଏମକେରେ ଯୋଗ ଦେଇଥିଲେ।

### ୫ ଜିଲ୍ଲାରେ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର , ୯ ।୩(ପି.ଏନ): ଆସନ୍ତାକାଲି ରାଜ୍ୟର ୫ ଜିଲ୍ଲାର କିଛି ଅଂଚଳରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ପଶ୍ଚିମା ଝଡ଼ ପ୍ରଭାବରେ ଉପକୂଳ ସମେତ ପାର୍ଶ୍ୱବର୍ତୀ ଅଂଚଳରେ ଆକାଶ ଆଂଶିକ ମେଘାଛନ୍ନ ରହିଛି।

## ବୈଦ୍ଧିକ ପୂଜା ପଦ୍ଧତି ଓ ସଂସ୍କୃତ ଭାଷା ସାହିତ୍ୟର ସୁରକ୍ଷା ପାଇଁ ଦିବ୍ୟସିଂହ ମିଶ୍ର ନ୍ୟାସ କାର୍ଯ୍ୟ କରିବ

ଭୁବନେଶ୍ୱର, ୯ ।୩(ପି.ଏନ): ବିଶିଷ୍ଟ ସଂସ୍କୃତ ବିଦ୍ୱାନ, ଶ୍ରୀମନ୍ଦିର ମୁକ୍ତି ମଣ୍ଡପ ପଣ୍ଡିତ ସଭାର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜ୍ଞ ଏବଂ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରିୟ ଉପାଧ୍ୟକ୍ଷ ସ୍ୱର୍ଗତ ପଣ୍ଡିତ ଦିବ୍ୟସିଂହ ମିଶ୍ରଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଳି ସଭା ବିଶିଷ୍ଟ ବୈଦିକ ବିଦ୍ୱାନ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତରେ ଖଣ୍ଡଗିରି ଠାରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ କହିଥିଲେ ଯେ ସ୍ୱର୍ଗତ ମିଶ୍ରଙ୍କ ଇଂରାଜୀ ଭାଷାରେ ଅଦ୍ଭୂତ ବିଦବତା ଥିଲା। କୋର୍ଟରେ ତାଙ୍କର ଉପସ୍ଥାପନା ଶୈଳୀ ବିଚାରପତି ମାନଙ୍କୁ ଆକର୍ଷିତ କରୁଥିଲା। ଅମାପ ଜ୍ଞାନର ଅଧିକାରୀ ଥିଲେ। ସ୍ୱର୍ଗତ ମିଶ୍ରଙ୍କର ସ୍ମୃତିକୁ ଅବ୍ୟାହତ ରଖିବା ପାଇଁ ତାଙ୍କର ସମଗ୍ର କାବ୍ୟ ସାହିତ୍ୟକୁ ନେଇ ଏକ ଗ୍ରନ୍ଥାବଳୀ ପ୍ରକାଶ କରିବା



ସହ ଏକ ସ୍ମୃତିଗ୍ରନ୍ଥ ପ୍ରକାଶ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଶ୍ରଦ୍ଧାଳି ଜଣାଇ ସୁବର୍ତ୍ତାର ସଂପାଦକ ବାଗ୍ମୀ ପ୍ରଦ୍ୟୁମ୍ନ କୁମାର ଶତପଥି କହିଥିଲେ ଯେ ସ୍ୱର୍ଗତ ମିଶ୍ର ଜଣେ ସଂକଳ୍ପ ଶିଦ୍ଧ ମଣିଷଥିଲେ। ଆନ୍ତର୍ଯ୍ୟାତିକ ରାଜନୀତି ବିଷୟରେ ତାଙ୍କର ସୁଦୂର ପ୍ରସାରୀ ଜ୍ଞାନଥିଲା। ସେ କେବଳ ଜଣେ ସଂସ୍କୃତ ବିଦ୍ୱାନନଥିଲେ ଜଣେ ପ୍ରଭାବଶାଳୀ ବକ୍ତା ଥିଲେ। ଓଡ଼ିଆ, ସଂସ୍କୃତ ଓ ଇଂରାଜୀରେ ସେ ଭାରତବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ତାଙ୍କର ବକ୍ତବ୍ୟ ରଖୁଥିଲେ। ଶ୍ରଦ୍ଧାଳି ଜଣାଇ ପୂର୍ବତନ ଆଇଜୀ ତଥା ଅଦୈତ ବେଦାନ୍ତ ଆଶ୍ରମ ପୁରୀର ଅଧକ୍ଷ ରାଜକିଶୋର ଦାସ କହିଲେ ଯେ ସ୍ୱର୍ଗତ ମିଶ୍ରଙ୍କ ସଂସ୍କୃତ ଭାଷା ସାହିତ୍ୟ ବିଶେଷ ଭାବରେ ବୈଦିକ ପୂଜା ପଦ୍ଧତିର ସୁରକ୍ଷା ପାଇଁ ଦିବ୍ୟସିଂହ ରାଜଲକ୍ଷ୍ମୀ ନ୍ୟାସ କାର୍ଯ୍ୟ କରିବ ବୋଲି ଜାଣିବା ପରେ ଏହା ତାଙ୍କ ସ୍ମୃତିପାଇଁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଭାରତବର୍ଷର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ଡଃ ହରେକୃଷ୍ଣ ଶତପଥି ସ୍ୱର୍ଗତ ମିଶ୍ରଙ୍କ ସଂସ୍କୃତ ଭାଷା ଉପରେ ଥିବା ବ୍ୟକରଣ ଜ୍ଞାନ ଉପରେ ତର୍ଜମା କରି କହିଲେ ଯେ ସଂସ୍କୃତରେ ଗବେଷଣା କରିଥିବା ବ୍ୟକ୍ତିମାନେ ମଧ୍ୟ ତାଙ୍କ ବ୍ୟାକରଣ ଓ ଜ୍ଞାନ ଉପରେ ହାର ମାନୁଥିଲେ। ଭାରତବର୍ଷର ସଂସ୍କୃତ ବିଦ୍ୱାନମାନେ ତାଙ୍କୁ ଅତ୍ୟ' ସମ୍ମାନ ଓ ଶ୍ରଦ୍ଧା କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ହରମୋହନ ମିଶ୍ର, ପ୍ରଫେସର ଡଃ ଅର୍ଚ୍ଚନା ନାୟକ, ଡଃ ସିକ୍ତା ମହାପାତ୍ର, ଅଧିପିକା ପ୍ରମୋଦା ପରିଡ଼ା ପ୍ରମୁଖ ବହୁ ବୁଦ୍ଧିଜୀବି ଶ୍ରଦ୍ଧାଳି ଜଣାଇ ତାଙ୍କର ବନ୍ଧୁବତ୍ସଳତାର ବହୁ ଉଦାହରଣ ଦେଇଥିଲେ। କାର୍ଯ୍ୟକ୍ରମର ପାରମ୍ଭରେ ଡଃ ଦେବାଶିଷ ସମାଲ ସ୍ୱାଗତ ଭାଷଣ ଓ ଶ୍ରୀମତୀ ଦେବଜାୟା ମିଶ୍ର କୃତଜ୍ଞତା ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡାକ୍ତର ସୁଜାତା ପ୍ରିୟଦର୍ଶୀନୀ ମିଶ୍ର ପରିଚାଳନା କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ଧର୍ମପତ୍ନୀ ଶ୍ରୀମତୀ ରାଜଲକ୍ଷ୍ମୀ ମିଶ୍ର ଓ ପୁତୁରା ଅନନ୍ତ ବାସୁଦେବ ମିଶ୍ର ଉପସ୍ଥିତ ଥିଲେ।

## ଆନ୍ଧ୍ରରେ ବନ୍ଧା ପଡ଼ିଛି ୫ ଜୀବନ, ଉଦ୍ଧାର ପାଇଁ ଭିଡ଼ିଓ ମାଧ୍ୟମରେ ଦାଦନ ଶ୍ରମିକଙ୍କ ଗୁହାରି

ନୂଆପଡ଼ା, ୯ ।୩(ପି.ଏନ): ଆନ୍ଧ୍ରରେ ବନ୍ଧା ପଡ଼ିଛି ୫ ଜୀବନ। ଉଦ୍ଧାର ପାଇଁ ଲୁଚିଛପି ଭିଡିଓ ମାଧ୍ୟମରେ ଗୁହାରି କରିଛନ୍ତି ଦାଦନ ଶ୍ରମିକ। ସମସ୍ତେ ନୂଆପଡା ଜିଲ୍ଲା ସିନାପାଲି ଥାନା ଘାଟମାଲ ପଂଚାୟତ ଅନ୍ତର୍ଗତ ତାଲାକୋଟ ଗ୍ରାମର ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଖଡିଆଳ ଅଂଚଳର ଜଣେ ଦାଦନ ଦଲାଲଙ୍କ ମାଧ୍ୟମରେ ୭ ଜଣ ଦାଦନ ଶ୍ରମିକ ୩୫ ହଜାର ଟଙ୍କା ଲେଖାଏଁ ଅଗ୍ରିମ ନେଇ ଆନ୍ଧ୍ର ପ୍ରଦେଶର କର୍ଣ୍ଣେଲ ଅଂଚଳର ଏଲେନ୍ଦାକୁଣ୍ଡା ଗ୍ରାମର ପିଏନବି ନାମକ ଏକ ଇଟାଭାଟିରେ କାମ କରୁଛନ୍ତି । ସେଠାରେ ଅଧିକ କାମ କରାଇବା ସହ ସପ୍ତାହକୁ ୫ ଶହ ବଦଳରେ ଦେଢ ଶହରୁ ଦୁଇଶହ ଟଙ୍କା ମିଳୁଛି। ଯାହା ଦିନରାତି କାମ କରୁଥିବା ଶ୍ରମିକମାନଙ୍କ ପେଟକୁ ନିଅଂଟ ହେଉଛି । କିଛି କହିଲେ ସେମାନଙ୍କୁ ମାରପିଟ୍ ମଧ୍ୟ କରାଯାଉଛି । ନିର୍ଯାତନା ସହି ନପାରି ୭ ଜଣଙ୍କ ମଧ୍ୟରୁ ଦୁଇଜଣ ଲୁଚିଛପି ଚାଲି ଆସିଥିବା ବେଳେ ୫ ଜଣଙ୍କୁ ବନ୍ଧକ ରଖି ଅଧିକ କାମ କରାଉଛି ଇଟାଭାଟି ମାଲିକ । ବନ୍ଧକ ଥିବା ଶ୍ରମିକଙ୍କ ମଧ୍ୟରେ ୩ ଯୁବତୀ ଏବଂ ଦୁଇ ଜଣ ଯୁବକ ଅଛନ୍ତି।

## ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଦେବାଳିଆ ଓ ପ୍ରଚାର ସର୍ବସ୍ୱ ପାଲଟିଛି : ବିଜେପି

ଭୁବନେଶ୍ୱର , ୯ ।୩(ପି.ଏନ): ଏକ ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ବିକାଶ ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ମିଳିତ ଦାୟୀତ୍ୱ ରହିଛି । କିନ୍ତୁ ଓଡିଶାରେ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା, ଯେଉଁ ସବୁ ଯୋଜନାକୁ ନେଇ ଦିନେ ରାଜ୍ୟ ସରକାର ଓଡିଶା ଲୋକଙ୍କୁ ସ୍ୱପ୍ନ ଦେଖାଇଥିଲେ ସେ ସବୁ ଆଜି ଦେବାଳିଆ ଓ କେବଳ ପ୍ରଚାର ସର୍ବସ୍ୱ ହୋଇଛି । ଏମିତିକି ବିଜୁ ବାବୁଙ୍କ ନାଁରେ ହୋଇଥିବା ଯୋଜନା ଗୁଡିକ ମଧ୍ୟ ବଜେଟରେ ଟୋକେନ ରାଶିରେ ସୀମିତି ହୋଇଛି ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ୧୩ଟି ଯୋଜନାର ସ୍ଥିତିକୁ ନେଇ ଶ୍ରୀ ବିଶ୍ୱାଳ ପ୍ରଶ୍ନ ଉଠାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୬ ବର୍ଷ ଭିତରେ ୧୮ ଲକ୍ଷ ୨୮ ହଜାରରୁ ଅଧିକ ପକ୍କାଘର ନିର୍ମାଣ ସରିଲାଣି, ଆଉ ୯ ଲକ୍ଷ ୫୮ ହଜାର ପକ୍କାଘର ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାର ଅର୍ଥ ଆବଂଟିତ କରିଛନ୍ତି । ଯେଉଁଠି ରାଜ୍ୟ ସରକାରଙ୍କ ଯୋଜନା ବିଜୁ ପକ୍କା ଘରରେ ବିଗତ ତିନି ବର୍ଷରେ ମାତ୍ର ୩୩୦୯ଟି ଘର ନିର୍ମାଣ ହୋଇଛି ବୋଲି ବିଧାନସଭାରେ ସରକାର କହିଛନ୍ତି । ୨୦୧୯ ସୁଦ୍ଧା ରାଜ୍ୟରେ ଆଉ କେହି କଚ୍ଚା ଘରେ ରହିବେନି ବୋଲି ମୁଖ୍ୟମନ୍ତ୍ରୀ ୨୦୧୪ରେ କହିଥିଲେ। କୁଆଡେ ଗଲା ସେହି ପ୍ରତିଶୃତି ? କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିପୁଳ ସଂଖ୍ୟାରେ ଘର ନିର୍ମାଣ ହେଉଥିବା ବେଳେ ବିଜୁ ପକ୍କାଘର ଯୋଜନାରେ କାହିଁକି ନିର୍ମାଣ ହୋଇପାରୁନାହିଁ ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି ।କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୩ କୋଟି ୨୫ ଲକ୍ଷ ଲୋକ ମାସକୁ ୫ କିଲୋ ଖାଦ୍ୟାନ୍ନ ପାଉଥିବା ବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ମାତ୍ର ୮ ଲକ୍ଷ ଲୋକ ଲାଭାନ୍ୱିତ ହେଉଛନ୍ତି । ଯେଉଁ ବିଜୁ ଜନତା ଦଳ ମାସକୁ ୧୦ କିଲୋ ଚାଉଳ ଦିଆଯାଉ ବୋଲି ବାରମ୍ବାର ଦାବି କରୁଥିଲା ରାଜ୍ୟ ବଜେଟରେ ୨୬ ହଜାର କୋଟିର ବଳକା ରାଶି ଥିବା ସତ୍ତ୍ୱେ ରାଜ୍ୟ ସରକାର ତାହା କରିଲେ ନାହିଁ । ଏହା ଓଡିଶାର ଗରିବ ଲୋକଙ୍କ ପ୍ରତି ବିଜେଡିର ପ୍ରତାରଣା ନୁହେଁ କି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ଓଡିଶାରେ କେନ୍ଦ୍ର ସରକାରଙ୍କର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ କରଣ ଯୋଜନା ରେ ସମସ୍ତ ରେଭେନ୍ୟୁ ଗାଁ ଓ ସୌଭାଗ୍ୟ ଯୋଜନାରେ ୨୪ ଲକ୍ଷ ୫୨ ହଜାର ପରିବାରଙ୍କୁ ମାଗଣା ବିଜୁଳି ସଂଯୋଗ ଯୋଗାଇଦେବାର ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିଛନ୍ତି । ରାଜ୍ୟ ସରକାରଙ୍କ ଯୋଜନା ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ରେ ରାଜ୍ୟରେ ଥିବା ନନ ରେଭିନ୍ୟୁ ଭିଲେଜ ଯଥା ପଡା ଗାଁ, ହାମଲେଟରେ ରହୁଥିବା ପରିବାରଙ୍କୁ ବିଜୁଳି ସଂଯୋଗ ଯୋଗାଇ ଦେବେ ବୋଲି ସରକାର କହିଥିଲେ । ହେଲେ ଆଜି ପର୍ଯ୍ୟନ୍ତ କେତେ ପଡା ଗାଁକୁ ବିଜୁଳି ସଂଯୋଗ ହେଲା ରାଜ୍ୟ ସରକାର କହିବେ କି ? କାହିଁକି ଆଜିବି ଅନେକ ପଡା ଗାଁ, ହାମଲେଟରେ ବିଜୁଳି ସଂଯୋଗ ପହଂଚିପାରିନି ତାର ଉତର ରାଜ୍ୟ ସରକାର ଦେବେ କି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି ।ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୨୦୧୭ ରୁ ୨୦୨୦ ଭିତରେ ମାତ୍ର ୩ ବର୍ଷରେ ଓଡିଶାରେ ୨୦ ହଜାର ୫୬୮ କିମି ନିର୍ମାଣ ହୋଇଛି । ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆରମ୍ଭ ବେଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ୧୦ ବର୍ଷରେ ୧୦ ହଜାର କିମିର ରାସ୍ତା ନିର୍ମାଣ କରିବେ ବୋଲି । ହେଲେ ୮ ବର୍ଷରେ ନିର୍ମାଣ କରିଛନ୍ତି ମାତ୍ର ୩ ହଜାର ୯ ଶହ କିମିର ରାସ୍ତା । ଅର୍ଥାତ ବର୍ଷକୁ ୧ ହଜାର କିମି ରାସ୍ତା ଯାଗାରେ ହେଉଛି ମାତ୍ର ୪୦୦ ରୁ ୫୦୦ କିମି । କାହିଁକି ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ ମନ୍ଥର ହୋଇଯାଇଛି ?ଜଳ ଜୀବନ ମିଶନ ନରେନ୍ଦ୍ର ମୋଦିଙ୍କର ସରକାର ଆରମ୍ଭ କରିବା ପୂର୍ବରୁ ଓଡିଶାରେ ଗ୍ରାମାଂଚଳରେ ମାତ୍ର ୩ ପ୍ରତିଶତ ପରିବାରଙ୍କ ପାଖରେ ଟ୍ୟାପ ଯୋଗେ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା ଥିଲା । ଏବେ ଓଡିଶାରେ ଗ୍ରାମାଂଚଳରେ ୫୭ ପ୍ରତିଶତ ପରିବାରଙ୍କ ପାଖରେ ଟ୍ୟାପ ଯୋଗେ ପିଇବା ପାଣି ମିଳୁଛି । ରାଜ୍ୟ ସରକାର ଏକ ଯୋଜନା ଆରମ୍ଭ କରିଥିଲେ ଯାହାର ନାଁ ହେଉଛି ବସୁଧା । ରାଜ୍ୟ ସରକାର କହିବେ କି ବସୁଧା ଯୋଜନାରେ କେତେ ପରିବାରଙ୍କ ପାଖରେ ପିଇବା ପାଣି ପହଂଚିଛି ? ବସୁଧା ଯୋଜନା କେବଳ ଜଳ ଜୀବନ ମିଶନର ନାଁକୁ ହାଇଜ୍ୟାକ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।ଦେଶରେ ଯୁବଶକ୍ତିମାନଙ୍କର ସ୍କିଲ ଡେଭଲପମେଂଟ ସୁନିଶ୍ଚିନ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଓଡିଶାରେ ମୋଟ ୮ ଲକ୍ଷ ଯୁବକ ଯୁବତୀମାନଙ୍କୁ ତାଲିମ ଦିଆଯାଇଛି । ଓଡିଶା ସରକାର ଏକ ଯୋଜନା କରିଥିଲେ ଯାହାର ନାଁ ହେଉଛି ବିଜୁ ଆତ୍ମ ନିଯୁକ୍ତି ଯୋଜନା । କେତେ ଜଣ ଯୁବକ ଏହି ଯୋଜନାରେ ଆତ୍ମ ନିଯୁକ୍ତି ପାଇଛନ୍ତି ଓ କାହିଁକି ସେହି ଯୋଜନା ଆଜି ଶୀତଳ ଭଣ୍ଡାରରେ ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି ।ପ୍ରଧାନମନ୍ତ୍ରୀ ସୁକନ୍ୟା ସମୃଦ୍ଧି ଯୋଜନାରେ ଓଡିଶାରେ ୧୪ ଲକ୍ଷ ବାଳିକାଙ୍କର ଆର୍ଥୀକ ସମୃଦ୍ଧି ପାଇଁ କେନ୍ଦ୍ର ସରକାର ସହାୟତା ଦେଉଛନ୍ତି । କିନ୍ତୁ କୁଆଡେ ଗଲା ରାଜ୍ୟ ସରକାରଙ୍କର ବିଜୁ କନ୍ୟା ରତ୍ନ ଯୋଜନା ବୋଲି ଅନିଲ କହିଛନ୍ତି । ୨୦୧୯ ନିର୍ବାଚନ ବେଳେ ଆରମ୍ଭ ହୋଇଥିବା ବିଜୁ ଯୁବ ବାହିନୀ ଯୋଜନାର ସ୍ଥିତି ଆଜି କେଉଁଠି ? ଫନି ହେଉ କି କରୋନା ହେଉ କାହିଁ ଜଣେ ହେଲେ ବି ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ କେଉଁଠି ରିଲିଫ ପ୍ୟାକେଟଟିଏ ବି ଦେବା ସାଧାରଣ ଲୋକ ଦେଖିଲେ ନାହିଁ । କୁଆଡେ ଗଲା ବିଜୁ ଗାଡି ଚାଳକ ବୀମା ଯୋଜନା ? କୁଆଡେ ଗଲା ଆଳୁ ମିଶନ ଓ ପିଆଜ ମିଶନ । କେତେ ନୂଆ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଲା ଓ ଆଳୁ, ପିଆଜ ଉତ୍ପାଦନ କେତେ ବଢିଲା ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## ପ୍ରତି ଥରର ଭାରତ ଗସ୍ତରେ ଅନେକ କିଛି ଶିଖିବା ପାଇଁ ସୁଯୋଗ ମିଳିଛି :ବିଲ ଗେଟ୍ସ

ନୂଆଦିଲ୍ଲୀ, ୯ ।୩(ପି.ଏନ): ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ ଗେଟ୍ସ ତାଙ୍କର ସ୍ମରଣୀୟ ଭାରତ ଗସ୍ତକୁ ନେଇ ସାମାଜିକ ଗଣମାଧ୍ୟମରେ ନିଜ ଅନୁଭୂତି ବାଣ୍ଟିଛନ୍ତି । ଏଥିରେ ସେ କହିଛନ୍ତି ଯେ ପୁଣିଥରେ ସେ ନିଶ୍ଚୟ ଭାରତ ଆସିବାକୁ ଚାହିଁବେ । କାରଣ ଏଠାରେ ପ୍ରତ୍ୟେକ ଥର ତାଙ୍କୁ ଚମତ୍କାର ଅନୁଭୂତି ମିଳିବା ସହିତ ଅନେକ କିଛି ଶିଖିବାର ସୁଯୋଗ ମିଳୁଛି । ଭାରତ ଆସିଥିବା ସମୟରେ ଶ୍ରୀ ଗେଟ୍ସ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେହିସବୁ କାର୍ଯ୍ୟକ୍ରମର ଫଟୋ ସେ ସାମାଜିକ ଗଣମାଧ୍ୟମରେ ଶେୟାର କରିବା ସହିତ ନିଜର ଅନୁଭୂତି ଲେଖିଛନ୍ତି ।ବିଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ତାଙ୍କ ପାଇଁ ସମ୍ମାନର ବିଷୟ ଥିଲା ବୋଲି ବିଲ ଗେଟ୍ସ କହିଛନ୍ତି । ସେ କହିଛନ୍ତି ଯେ, ଭାରତ ସ୍ୱାସ୍ଥ୍ୟ, ଆର୍ଥିକ ଅନ୍ତର୍ଭୂକ୍ତିକରଣ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଏବଂ ଡିଜିଟାଲକରଣ କ୍ଷେତ୍ରରେ ପ୍ରଗତିର ନେତୃତ୍ୱ ନେଉଛି । ମୁମ୍ବାଇରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହୃତ ଏକ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବାକୁ ନେଇ ଶ୍ରୀ ଗେଟ୍ସ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବିଶ୍ୱର ସବୁଠୁ ଅଧିକ ସଂଖ୍ୟକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି । ତେଣୁ ସେମାନଙ୍କ ପାଇଁ ଏଭଳି ଚିକିତ୍ସା ବ୍ୟବସ୍ଥା ଅତି ଗୁରୁତ୍ୱପୂର୍ଣ୍ଣ । ଭାରତରୁ ଯକ୍ଷ୍ମା ଉନ୍ମୁଳନ ପାଇଁ ଅଭିନେତ୍ରୀ ଅୟିୟୋ ଶ୍ରଦ୍ଧାଙ୍କ ସହିତ ହୋଇଥିବା ଫଳପ୍ରଦ ଆଲୋଚନା ବିଷୟରେ ମଧ୍ୟ ବିଲ ଗେଟ୍ସ ଉଲ୍ଲେଖ କରିଛନ୍ତି। ମୁମ୍ବାଇ ସହର ଏକ ନୂଆ ଆଭିମୁଖ୍ୟ ନେଇ ଯକ୍ଷ୍ମା ଦୂରୀକରଣ ପ୍ରୟାସରେ ଅଗ୍ରଣୀ ରହିଛି ବୋଲି ସେ କହିଛନ୍ତି । ସେହିପରି କିଶୋର ସେତୁ ପ୍ରେମୀ ଅଂଶୁଲ ଭଟ୍ଟଙ୍କ ସହିତ ହୋଇଥିବା ଆଲୋଚନାକୁ ନେଇ ମଧ୍ୟ ଶ୍ରୀ ଗେଟ୍ସ ଖୁସି ବ୍ୟକ୍ତ କରିଛନ୍ତି ।ଦିଲ୍ଲୀ ଗସ୍ତ ଅବସରରେ ଶ୍ରୀ ଗେଟ୍ସ ପ୍ରଥମେ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନକୁ ଯାଇଥିଲେ। ମରୁଡ଼ି, ବନ୍ୟା ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସହନଶୀଳ ଫସଲ ବିକାଶ ସମ୍ପର୍କରେ ଜାଣି ସେ ଆନନ୍ଦିତ ହୋଇଥିଲେ ।










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇଙ୍କୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇଙ୍କୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ



ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ରତୁରେ ରୋଗ ବେଶୀ

ଶୀତରତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି



ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିଆ ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ମାନବ ସେବାରେ ଦୂରଦର୍ଶନ

**ବିପିନବିହାରୀ ମହାନ୍ତି**

ଜଗତୀକରଣ ପ୍ରକ୍ରିୟାରେ ବିଶ୍ୱ ଏବେ ସଂକୁଚିତ ହୋଇଯାଇଛି ଅର୍ଥାତ୍ ବିଶ୍ୱ ଏକ ପରିବାର ପାଲଟି ଯାଇଛି। ଏହି ପାରିବାରିକ କାରଣରୁ ଆମ ପାଇଁ ଅନେକ କିଛି ସହଜ,



ସରଳ ଏବଂ ସୁଗମ ହୋଇପାରିଛି । ଏ ସବୁର ମୂଳ କାରଣ ଆମ୍ଭମାନଙ୍କ ପାଖରେ ସଂପ୍ରତି ପହଂଚିଥିବା ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାର ସୁଲଭତା। ତେବେ ସାଂପ୍ରତିକ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱବାସୀଙ୍କୁ ସନ୍ନିକଟ କରାଇବା ତଥା ପରସ୍ପରକୁ ବୁଝିବା ଏବଂ




ନିଜର ଅଭାବ ମେଣ୍ଟାଇବା, ଭାବର ଆଦାନ ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି।

ପରସ୍ପରକୁ ନିକଟତର କରାଇବାର ବୁଝିବାର ଏବଂ ବୁଝାଇବାର ମାଧ୍ୟମକୁ କୁହନ୍ତି ଗଣମାଧ୍ୟମ। ଗଣମାଧ୍ୟମ କୌଣସି ଦେଶର ଶାସନ କ୍ଷେତ୍ରରେ ଚତୁର୍ଥ ସ୍ତମ୍ଭ। ଗଣମାଧ୍ୟମ କହିଲେ ସମ୍ବାଦ ଗ୍ରହଣ, ପ୍ରଚାର ଏବଂ ପରିବେଷଣକୁ ବୁଝାଏ। ଆମେ ଜାଣିଥିବା ଏବଂ ପଢୁଥିବା ଖବରକାଗଜ, ଆକାଶବାଣୀ, ପତ୍ରପତ୍ରିକା, ପ୍ରାଚୀରପତ୍ର, ପାଲା, ଦାସକାଠିଆ, ନାଚ, ଥିଏଟର, ସିନେମା, ଚକୁଳିଆ ପଣ୍ଡା ଗୀତ ଏବଂ ଜାନୁଘଣ୍ଟିଆର ବାଣୀ ଅଥବା ପୁରାଣ କାହାଣୀ ଏସବୁ ଗଣମାଧ୍ୟମର ତାଳପତ୍ର ସଦୃଶ। ତେବେ ସଂକ୍ଷେପରେ ଏହାକୁ ଉକ୍ତି ବାଚକ, ଲିଖିତ, ଶ୍ରୁତି ବାଚକ, ଦର୍ଶନ ସୂଚକ, ତଥା ଦୃଶ୍ୟ-ଶ୍ରାବ୍ୟ ଏହି ପ୍ରକାର ବିଭିନ୍ନ ଭାବରେ ବିଭକ୍ତ କରାଯାଇପାରେ।

ଦୂରଦର୍ଶନ ଦୃଶ୍ୟ-ଶ୍ରାବ୍ୟର ମାଧ୍ୟମ ଅର୍ଥାତ୍ ଏକ ସମୟରେ ଘଟୁଥିବା ଘଟଣା ବା କାହାଣୀମାନ ଦେଖିହୁଏ ଏବଂ ଶୁଣିହୁଏ। ମହାଭାରତରୁ ଜାଣିଛୁ ଅନ୍ଧ ଧୃତରାଷ୍ଟ୍ରଙ୍କୁ ସଂଜୟ କୁରୁକ୍ଷେତ୍ରରେ ଚାଲିଥିବା ଯୁଦ୍ଧର ବିବରଣୀ ଯୋଜନ ଯୋଜନ ଦୂରରେ ରହି ଶୁଣାଉଥିଲେ। ଏହିଦୃଷ୍ଟିରୁ ସେ ଦୂରଦର୍ଶନ କାର୍ଯ୍ୟ କରୁଥିଲେ। ଏହା କେତେଦୂର ଦିବ୍ୟଦୃଷ୍ଟି ଥିଲା ତାହା ଆମ ଚିନ୍ତାର ବାହାରେ ଅଥଚ- ଆମେ ଆଜି ଏହାକୁ ଅସ୍ୱୀକାର କରିପାରୁନାହୁଁ କାରଣ ଆମେ ସଂଜୟଙ୍କୁ ଟପି ଯାଇଛୁ।

ଦୂରଦର୍ଶନ ବିଭିନ୍ନ ଉପାୟରେ ଆମକୁ ସାହାଯ୍ୟ କରିଥାଏ। ଏହା ବିଶ୍ୱ ସଂପର୍କରେ ଲୋକମାନଙ୍କୁ ଶିକ୍ଷା ଦେଇଥାଏ; ବିଶ୍ୱର ବିଭିନ୍ନ ସମସ୍ୟା ଏବଂ ତାର ବାସ୍ତବ କାହାଣୀ ଯାହା ତତ୍କ୍ଷଣିକ ଘଟି ଚାଲିଛି ସେଗୁଡିକ ଆମକୁ ଦେଖାଇଥାଏ ଏବଂ ଶୁଣାଇଥାଏ। ଏହା ଗଣମାଧ୍ୟମର ସର୍ବୋତ୍ତମ ସଂବାଦ ପ୍ରଚାର ଏବଂ ପ୍ରଘଟକାରୀ ଏକ ଯନ୍ତ୍ର ଯାହା ଆମ ପୃଥିବୀର ଯେକୌଣସି କୋଣରେ ଘଟିଯାଉଥିବା ଦୃଶ୍ୟ ବା କାହାଣୀକୁ ଆମ ଘରେ ବସି ଦେଖିପାରୁଛୁ ଏବଂ ତାର ଅଂଶୀଦାର ହୋଇପାରୁଛୁ; ଏହା ମାଧ୍ୟମରେ ଆମେ ଆମର ସ୍ୱାଧୀନ ଭାଷଣକୁ ବା ଭାବକୁ ବ୍ୟକ୍ତ କରିପାରୁଛୁ; ଏହା ବିଶ୍ୱ ସ୍ତରରେ ସାଂସ୍କୃତିକ କ୍ଷେତ୍ରରେ ନାନା ବିଭିନ୍ନତା ମାଧ୍ୟମରେ ଏକତାର ଭାବ ସୃଷ୍ଟି କରିଛି ଏବଂ ସର୍ବୋପରି ପୃଥିବୀରେ ଜଗତିକରଣ ପ୍ରକ୍ରିୟାରେ ବିଭିନ୍ନ



ପ୍ରକାର ସମସ୍ୟାର ଉତ୍ପତ୍ତି , ଗତି, ଏବଂ ସମାଧାନର ସୂତ୍ର ବାହାର କରିବାରେ ସାହାଯ୍ୟ କରିପାରୁଛି। ବିଶେଷ କରି ପୃଥିବୀରେ ଶାନ୍ତି, ନିରାପତ୍ତା, ଅର୍ଥନୈତିକ ସ୍ଥିତି ପ୍ରଗତି ସାମାଜିକ ଉନ୍ନତି ଏବଂ ସାଂସ୍କୃତିକ ଭାବର ବିନିମୟ ପାଇଁ ଏହା ବିଶେଷ ସହାୟକ ହେଉଛି। ଏହାର ଆବଶ୍ୟକତା ଶିଶୁଠାରୁ ବୃଦ୍ଧଯାଏଁ କିଏ ଯେ ଉପଲବ୍ଧି ନକରୁଛି, ତାହା ଅସ୍ୱୀକାର କରିହେବ ନାହିଁ।

ଆମ ପାଇଁ ଏହାର ଆବଶ୍ୟକତା ଅତୁଳନୀୟ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜାତିସଂଘର ସାଧାରଣ ସଭାଦ୍ୱାରା ୧୯୯୬ ଡିସେମ୍ବର ୨୧ ତାରିଖରେ "ଦୂରଦର୍ଶନ" ଦିବସ ପାଳନାର୍ଥେ ଏକ ନିଷ୍ପତ୍ତି ନିଆଗଲା। ସେବେଠୁ ବିଶ୍ୱ ଦୂରଦର୍ଶନ ଦିବସ ପାଳିତ ହୋଇଆସୁଅଛି। ଏହା ଆଧୁନିକ ସଭ୍ୟତା ପାଇଁ ଏକ ନୂତନ ଗଣମାଧ୍ୟମ। ଏହା ସାରା ବିଶ୍ୱକୁ ସଂକୁଚିତ କରିବାରେ ତଥା ପ୍ରତ୍ୟେକଙ୍କୁ ଏ ବିଶ୍ୱର ଏକ ଅଂଶୀଦାର ଭାବେ ବିବେଚନା କରିବାକୁ ନିଶ୍ଚିତ କରାଇଛି। କହିବା ବାହୁଲ୍ୟ ଯେ ସୂର୍ଯ୍ୟଙ୍କ ପାଖରେ ଲଣ୍ଠନ ବତୀଟିଏ ଯେପରି ଗୁରୁତ୍ୱ ହରାଇଥାଏ, ସେହିପରି ସାଂପ୍ରତିକ ଦୂରଦର୍ଶନ ବା ଟିଭି କାରଣରୁ ଆକାଶବାଣୀ ଯିଏ ଏକଦା ପ୍ରଭାବ ବିସ୍ତାର କରିଥିଲା, ସିଏ ମଉଳିଗଲାଣି ।

ଅନେକଙ୍କ ଘରେ ସମ୍ବାଦପତ୍ର ଆଉ କେହି କିଣନ୍ତି ନାହିଁ; କେହି ସିନେମା, ନାଚ, ଥିଏଟର ଇତ୍ୟାଦି ମନୋରଂଜନ କାର୍ଯ୍ୟକ୍ରମକୁ ଯାଆନ୍ତି ନାହିଁ; ଖେଳ ପଡିଆରେ କେହି କ୍ରିକେଟ ବା ଫୁଟବଲ ବା କବାଡି ଦେଖନ୍ତି ନାହିଁ। ମହାକାଶଯାନର ଉତ୍ତୋଳନ ବା




କୌଣସି ଦୁର୍ଘଟଣାର ଚାକ୍ଷୁଷ ପ୍ରମାଣ ପାଇଁ କେହି ଦଉଡି ଯାଆନ୍ତି ନାହିଁ। ସେ ସବୁ ଆମ ହାତପାଆନ୍ତିରେ ଆମରି ପାଖରେ ଯଦି ଟିଭିଟିଏ ଅଛି ପଂହଚିଯାଉଛି। ଜୀବନର ଏମିତି କିଛି ଖୋଜିବା ବି ଲୋଡିବା କଥାନାହିଁ ଯାହା ଦୂରଦର୍ଶନ ମାଧ୍ୟମରେ ଆମେ ପାଇନଥାଉ।

ଏ ସମସ୍ତ କଥାକୁ ଉପଲବ୍ଧି କରି ଜାତିସଂଘ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ୨୧ ନଭେମ୍ବରକୁ 'ବିଶ୍ୱ ଦୂରଦର୍ଶନ ଦିବସ' ରୂପେ ପାଳନ କରିବା ହିଁ ଯଥାର୍ଥ ।

*-ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ଚାଷୀଙ୍କ ବ୍ୟାଙ୍କ ଖାତାକୁ କେବେ ବୀମା କ୍ଷତିପୂରଣ ଏବଂ ଇନପୁଟ ସବସିଡି ଟଙ୍କା ଯିବ ?



ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ୧୨ଟି ଜିଲା ଏବଂ ୬୪ଟି ବ୍ଲକରେ ୨୦୨୧ ମସିହାରେ କୃଷକମାନଙ୍କର ମରୁଡ଼ି ଜନୀତ ଫସଲହାନୀ ଘଟିଥିଲା। ରାଜ୍ୟ ସରକାରଙ୍କର ପ୍ରଦତ ନିୟମ ଅନୁସାରେ କୃଷକମାନଙ୍କୁ ୨୦୨୧ ଖରିଫ ଋତୁର ଦୁଇମାସ ଭିତରେ କ୍ଷତିପୂରଣ ଭରଣ କରାଯିବା କଥା। କ୍ଷୟକ୍ଷତି ଆକଳନ ହୋଇସାରିଲା ପରେ ମଧ ରାଜ୍ୟ ସରକାର କ୍ଷୟକ୍ଷତିର ଇନ୍‌ପୁଟ ସବସିଡ୍ ବର୍ଷ ବର୍ଷ ଧରି ଦେଲେ ନାହିଁ ଏବଂ ଠିକ୍ ପଦ୍ମପୁର ଉପନିର୍ବାଚନର ତାରିଖ ଘୋଷଣା ହେବାପରେ ନବୀନ ସରକାର ୨୦୦ କୋଟି ଟଙ୍କାର ଇନପୁଟ ସବସିଡି ଘୋଷଣା କରିବା ଏହା ତାଙ୍କର କୃଷକମାନଙ୍କ ପ୍ରତି କେତେ ଦରଦ ଓ ସହାନୁଭୂତି ଅଛି ତାହା ସ୍ପଷ୍ଟ ଅନୁମେୟ। ପଦ୍ମପୁରର କୃଷକମାନେ ଦୀର୍ଘ ୧୪ମାସ ଧରି ତାଙ୍କର କ୍ଷୟକ୍ଷତିର ଭରଣା ପାଇଁ ଏବଂ ପ୍ରାପ୍ୟ ବୀମା ରାଶି ପାଇବାପାଇଁ ଆନ୍ଦୋଳନ ଜାରି ରଖିଛନ୍ତି ଏ କଥାକୁ ରାଜ୍ୟ ସରକାର ଭଲଭାବରେ ଜାଣିଛନ୍ତି। କିନ୍ତୁ ପଦ୍ମପୁରର କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ କେବେ ତତ୍ପରତା ଦେଖେଇଲେ ନାହିଁ। ଅନୁରୂପ ଭାବରେ କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟର କୃଷକମାନେ ବୀମା ରାଶି ଭରଣ କରିଥିଲେ। କିନ୍ତୁ ୨୦୨୧ ମସିହା ଖରିଫ ସିଜନ୍‌ରେ କୃଷକମାନଙ୍କର ଯେଉଁ କ୍ଷୟକ୍ଷତି ଘଟିଲା ସେ କ୍ଷୟକ୍ଷତିକୁ ବୀମା କମ୍ପାନୀମାନେ ଭରଣା କରିବା ପରିବର୍ତେ ବୀମା ଦାବିକୁ ଅଗ୍ରାହ୍ୟ କରିଦେଲେ। କୃଷକମାନେ ବୀମା କମ୍ପାନୀର ଏହି ଅନ୍ୟାୟ ବିରୋଧରେ ୧୪ମାସ ଧରି ଆନ୍ଦୋଳନ କରି ଆସୁଛନ୍ତି। ରାଜ୍ୟରୁ ତିନି ତିନି ଜଣ ଟାଣୁଆ କେନ୍ଦ୍ରମନ୍ତ୍ରୀ ଅଛନ୍ତି ଏବଂ ବହୁ ସାଂସଦ ମଧ୍ୟ ଅଛନ୍ତି କିନ୍ତୁ କେବେହେଲେ ଏ କଥାକୁ ନେଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପାଖରେ ଦାବୀ ଉପସ୍ଥାପନ କରାଗଲା ନାହିଁ ଏବଂ କୃଷକମାନଙ୍କୁ ବୀମାରାଶି ମିଳିଲା ନାହିଁ। ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି। ଯଦି ପ୍ରକୃତରେ ବିଜେଡ଼ି ଓ ବିଜେପି କୃଷକମାନଙ୍କର ସମସ୍ୟାପାଇଁ ସାମାନ୍ୟ ଭାବରେ ଚିଂତ ଥା'ନ୍ତେ ତାହାହେଲେ ୧୪ ମାସ ଆନ୍ଦୋଳନ ହୋଇନଥାନ୍ତା। ବର୍ଷକୁ ବର୍ଷ ଧାନ କିଣିବାର ଚାଷୀମାନଙ୍କର କୋଟା କମି କମି ଯାଉଛି। ଏ ବାବଦରେ ଥରୁଟିଏ ଉଭୟ ଦଳ ପ୍ରତିବାଦ କରୁନାହାଁନ୍ତି। ଧାନ ପ୍ରତିବର୍ଷ ଓଡ଼ିଶାରୁ କେତେ କିଣାଯିବ ତାହା କେନ୍ଦ୍ର ସରକାର ସ୍ଥିର କରୁଛନ୍ତି। ଧାନର ଉତ୍ପାଦନ ବର୍ଷକୁ ବର୍ଷ ବଢୁଛି କିନ୍ତୁ କୃଷକମାନଙ୍କ ପାଖରୁ ସମସ୍ତ ଧାନ କିଣିବା ପରିବର୍ତେ ମାତ୍ର ନିର୍ଦ୍ଧାରିତ କ୍ୟୁଂଟାଲ କିଣାଯାଉଛି। ଫଳରେ କୃଷକମାନେ ଉପଯୁକ୍ତ ପ୍ରାପ୍ୟ ପାଉନାହାଁନ୍ତି ଏକଥା ତ ଉଭୟଙ୍କୁ ଜଣା। ଏଠି ଉଭୟ ଦଳ କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ କହିଛନ୍ତି। ସାମ୍ବାଦିକ ମାନଙ୍କୁ ସମ୍ବୋଦ୍ଧିତ କରି କହିଲେଯେ ଉଭୟ ଦଳ ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା କୃଷକମାନଙ୍କୁ ଭୂଆଁ ବୁଲାଉଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୮୭ ଭାଗ ଭୋଟର ହେଉଛନ୍ତି କୃଷକ। ଏପଟେ ରାଜ୍ୟରେ କଳି କିନ୍ତୁ ଗୁଜୁରାଟ ନିର୍ବାଚନରେ କୋଳାକୋଳି। ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟ କହିବେକି, କାହିଁକି ଓଡ଼ିଶାର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ସାହୁଙ୍କୁ ଗତ ୧୬ ତାରିଖରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଗୁଜୁରାଟକୁ ପଠାଇଛନ୍ତି। ମନ୍ତ୍ରୀ ମହୋଦୟ ଗୁଜୁରାଟରେ ଆପଣଙ୍କ ସହଯୋଗୀ ବିଜେପି ପାଇଁ ସେଠି ଭୋଟ ପ୍ରଚାର କରୁଛନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଆପଣଙ୍କ ଜିଲ୍ଲାରୁ ଲକ୍ଷ ଲକ୍ଷ ଲୋକ ଗୁଜୁରାଟର ସୁରଟରେ ସୂତାକଳରେ ଦାଦନ ଖଟୁଛନ୍ତି। ସେମାନଙ୍କ ଭୋଟକୁ ବିଜେପି ଦଳ ପାଇଁ ହାତେଇବା ପାଇଁ ପ୍ରଚାର କରୁଛନ୍ତି କି? ତେଣୁ ଆପଣ ଏ କଥାକୁ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ କରନ୍ତୁ। ତେଣୁ ଦୁଇଦଳ ଏଠାରେ ମିଛରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେଡ଼ି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଶ୍ରୀ କାନୁନଗୋ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି ଯେ ଅତିଶୀଘ୍ର କୃଷକମାନଙ୍କ ଖାତାକୁ ଇନ୍‌ପୁଟ ସବସିଡ୍ ଓ କ୍ଷୟକ୍ଷତି ଜନିତ ବୀମାରାଶି ତୁରନ୍ତ ପଠାଇବା ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟସରକାର ଘୋଷଣା କରନ୍ତୁ। ପୂର୍ବରୁ ଏଭଳି ବହୁବାର ନିର୍ବାଚନ ସମୟରେ ଲୋକଙ୍କୁ ଭେଲିକି ଦେଖାଇ ଠକିଛନ୍ତି। ଏଥର ବି ସେଇଚାଲ। ଯଦି ଅତିଶୀଘ୍ର କୃଷକମାନଙ୍କ ଅର୍ଥ ନମିଳେ ତାହାହେଲ କଂଗ୍ରେସ ଦଳ କୃଷକ ଆନ୍ଦୋଳନକୁ ଦୁର୍ବାର କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କିଷାନ ସେଲର ଅଧ୍ୟକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲା : ଡେମୋ ଦେଖାଇଲା ଅଭିଯୁକ୍ତ ଗୋପାଳ

ଝାରସୁଗୁଡ଼ା, (ପି.ଏନ): ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଂଚ । ମନ୍ତ୍ରୀଙ୍କୁ ହତ୍ୟା ମାମଲାରେ ଆଜି କ୍ରାଇମ୍ ସିନ୍ ରିକ୍ରିଏଟ କରିଛି କ୍ରାଇମବ୍ରାଂଚ । ଆଜି ଅଭିଯୁକ୍ତ ଗୋପାଳ ଦାସକୁ କଡ଼ା ସୁରକ୍ଷା ମଧ୍ୟରେ କ୍ରାଇମ ସ୍ପଟ ବ୍ରଜରାଜନଗର ଗାନ୍ଧି ଛକକୁ ନେଇଥିଲା କ୍ରାଇମବ୍ରାଂଚ । ୨୯ ତାରିଖ ଦିନ ୧୨ ଟା ୨୦ ମିନିଟ୍ ସମୟରେ ସେଠାରେ କ'ଣ ଘଟିଥିଲା, ତାହାର ଡେମୋ କରି ଦେଖାଇଛି ଗୋପାଳ। ଘଟଣା ଦିନ ଗୋପାଳ କେମିତି ମନ୍ତ୍ରୀଙ୍କ ନିକଟକୁ ଯାଇଥିଲା । ମନ୍ତ୍ରୀଙ୍କୁ କେମିତି ଅତି ନିକଟରୁ ଗୁଳି କରିଥିଲା, ଗୁଳିମାଡ ପରେ ଘଟଣାସ୍ଥଳରୁ ସେ କିପରି ଖସି ପଳାଇଯିବାକୁ ଉଦ୍ୟମ କରିଥିଲା । କିପରି ଫାଙ୍କା ଗୁଳିଚାଳନା କରି, ବନ୍ଧୁକ ଦେଖାଇ ଲୋକଙ୍କୁ ଡରାଇଥିଲା, ସେସବୁ ଗୋଟି ଗୋଟି କରି ଦେଖାଇଛି ଅଭିଯୁକ୍ତ ଗୋପାଳ । ଗୋପାଳ ହାତରେ ଗୋଟିଏ ଡେମୋ ବନ୍ଧୁକ ଧରାଇ ଘଟଣା ଦିନ ଗୋପାଳ କ'ଣ କରିଥିଲା ତାହାର ଡେମୋ ଦେଖାଇବାକୁ କ୍ରାଇମବ୍ରାଂଚ ଅଧିକାରୀ ମାନେ କହିଥିଲେ । ଏବଂ ଏହି ଡେମୋକୁ ପ୍ରଦର୍ଶିତ କରିଥିଲା ଗୋପାଳ । ଏ ସମସ୍ତ ସିନ୍ କୁ ଭିଡ଼ିଓଗ୍ରାଫି କରାଯାଇଛି । ଅଭିଯୁକ୍ତ ଗୋପାଳକୁ ଦ୍ୱିତୀୟ ଥର ପାଇଁ ୪ ଦିନିଆ ରିମାଣ୍ଡରେ ନେଇ ପଚରା ଉଚରା ଜାରୀ ରଖିଛି ଟିମ୍ । ଆଜି ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡର ତୃତୀୟ ଦିନ ତଥା ତଦନ୍ତର ଦଶମ ଦିନରେ ଅଭିଯୁକ୍ତ ଗୋପାଳ ଦାସକୁ ଘଟଣାସ୍ଥଳ (ବ୍ରଜରାଜନଗର ଗାନ୍ଧି ଛକ)କୁ ନେଇ କ୍ରାଇମ ସିନ୍ ରିକ୍ରିଏସନ୍ କରିଛି କ୍ରାଇମବ୍ରାଂଚ । ସେପଟେ ମାମଲାର ଅଧିକ ତଦନ୍ତ ପାଇଁ ଝାରସୁଗୁଡ଼ାରେ ପହଂଚିଛନ୍ତି ୪ ଜଣିଆ ନିମହାନସ ଟିମ୍ । ଏହି ଟିମ୍ ଗୋପାଳଙ୍କ ସ୍ୱାସ୍ଥ୍ୟର ଯାଂଚ୍ କରିବ। ଆସନ୍ତାକାଲି ସରିବ ଗୋପାଳର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ । ପ୍ରଥମ ୪ ଦିନିଆ ରିମାଣ୍ଡ ସମୟରେ ଅଭିଯୁକ୍ତ ଗୋପାଳ ନିକଟରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା କ୍ରାଇମବ୍ରାଂଚ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୪ ଦିନିଆ ରିମାଣ୍ଡ ବେଳେ ଲେୟାର୍ଡ ଭଏସ ଆନାଲିସିସ୍ ଟେଷ୍ଟ ଓ ସାଇକୋଲୋଜିକାଲ ଆସେସମେଂଟ ଟେଷ୍ଟ କରାଯାଇଛି । ତାର ଆର୍ଥିକ କାରବାର, ବ୍ୟାଙ୍କ ଆକାଉଂଟ, ମିଳିଥିବା କାର୍ ଓ ବିଭିନ୍ନ ଲିଙ୍କ୍ ବାବଦରେ ତଦନ୍ତ ହୋଇଛି । ଗୋପାଳ ଓ ତାର ପରିବାର ଲୋକଙ୍କ ସମେତ ଇତିମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରା ଉଚରା କରିଛି କ୍ରାଇମବ୍ରାଂଚ। କ୍ରାଇମବ୍ରାଂଚ ଏଡିଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ମାମଲାର ତଦନ୍ତ ଜାରୀ ରହିଛି । ହତ୍ୟାକାଣ୍ଡର ଉଦ୍ଦେଶ୍ୟ କ'ଣ ଥିଲା, ଏହା ପଛରେ ଆଉ କେହି ରହିଛି କି, ଆଦି ପ୍ରଶ୍ନର ଉତର ଖୋଜୁଛି କ୍ରାଇମବ୍ରାଂଚ । ପ୍ରକାଶ ଥାଉକି, ଗତ ୨୯ ତାରିଖ ମଧ୍ୟାହ୍ନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ବ୍ରଜରାଜନଗର ଗାନ୍ଧି ଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋରଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ତାଙ୍କ ଛାତିରେ ଗୁଳି ବାଜିଥିଲା । ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେହିଦିନ ସଂନ୍ଧ୍ୟାରେ ୬୧ ବର୍ଷିୟ ନବକିଶୋରଙ୍କ ପରଲୋକ ଘଟିଥିଲା ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

କୋରାଇ,(ପି.ଏନ): ପାଣିକୋଇଲି ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଯାଜପୁରରୋଡ଼ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଆଜି ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପାଣିକୋଇଲି ଥାନାଧିକାରୀ ଶ୍ରୀମତୀ ଚିନ୍ମୟୀ ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ମଂଚର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୩୦ ଜଣ ରୋଗୀ ଚକ୍ଷୁ ପରୀକ୍ଷା କରାଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ଭୂମିକା ପକ୍ଷରୁ ଚିକିତ୍ସକ ଭାବେ ଅଭିଲିପ୍ସା ମହାରଣା, ରଂଜିତା ସାହୁ, ସତ୍ୟ ରଂଜନ ରାଉତ, ସୁଧାଂଶୁ ଶେଖର ଦାସ ଓ ଅଜୟ କୁମାର ଦାସ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ବୃନ୍ଦାବନ ଜେନା, ଗୌରାଙ୍ଗ ବାରିକ, ରାମ ଚନ୍ଦ୍ର ମଲିକ, ମୁରଲୀ ଖଣ୍ଡାଇ, ରଘୁନାଥ ମାଝୀ, ଉମାକାନ୍ତ ଖଣ୍ଡାଇ, ଅଦ୍ୱୈତ୍ୟ ଚରଣ ଦାଶ, ପତିତ ପାବନ ପାଢୀ, ସୁରେନ୍ଦ୍ର ସେଠୀ, ପୂର୍ଣ୍ଣାନନ୍ଦ ପରିଡା, ଅଭିରାମ ବାରିକ, ସୁର୍ଦଶନ ପହୀ,ଚନ୍ଦ୍ରମଣୀ ସ୍ୱାଇଁ, ରାମଚନ୍ଦ୍ର ବେହେରା, ସନାତନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀ ଜିଲ୍ଲାପାଳଙ୍କ ସହ ଓଜେୟୁର ସାକ୍ଷାତ ଆଲୋଚନା



ସମ୍ବଲପୁର (ପିଏନ୍): ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର କର୍ମକର୍ତ୍ତାଙ୍କ ଗତ ଗୁରୁବାର ଏକ ଅନେ୍ୟାପଚାରିକ ସାକ୍ଷାତ ଆଲୋଚନା ହୋଇଥିଲା। ସଂଘର ସଦସ୍ୟଙ୍କ ପୁରୀ ଗସ୍ତ ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଏହି ଆଲୋଚନାରେ ସମର୍ଥ ବର୍ମା ତାଙ୍କ ସମ୍ବଲପୁର ଜିଲ୍ଲାପାଳ ଥିବା ସମୟରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସାମ୍ବାଦିକଙ୍କ ସହିତ ଆଲୋଚନା କରିଥିଲେ। ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପ ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ସଦସ୍ୟ ସାଧବ ପ୍ରଧାନ, ସନ୍ତୋଷ ସାହୁ, ସଞ୍ଜୟ ପାଗଡ଼, ପ୍ରଦୀପ ନାୟକ, ରବୀନ୍ଦ୍ର ପ୍ରଧାନ, ଦେବାଶିଷ ବେହେରା, ଆଦି ନନ୍ଦ, ମାନସ ସାହୁ, ସନ୍ଦୀପ ଶର୍ମାଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୁଧାଂଶୁ ଶେଖର ମହାରଣା ସାମିଲ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପୁରୀ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କୁ ପୁଷ୍ପଗୁଚ୍ଛ, ସ୍ମୃତି ଫଳକ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଡିଏ କଲୋନୀରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଖୋର୍ଦ୍ଧା (ପିଏନ୍): ରବିବାର କାର୍ତିକ ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ନଗର ବିଡିଏ କଲୋନୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଊନବିଂଶତମ ବାର୍ଷିକ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖରପୁର ଗାୟତ୍ରୀ ଶକ୍ତିପୀଠର ସକ୍ରିୟ କାର୍ଯ୍ୟକର୍ତ୍ତା ନବଘନ ଶତପଥୀ ପ୍ରବଚକ ଭାବେ ଯୋଗଦେଇ ଯଜ୍ଞର ପୁଣ୍ୟଫଳ ସଂପର୍କରେ ବ୍ୟାଖ୍ୟା କରିଥିଲେ। ମନୁଷ୍ୟ ମନ୍ଦ ପ୍ରବୃତ୍ତି ଛାଡ଼ି ଭଲ ପ୍ରବୃତ୍ତି ଗ୍ରହଣ କରିବା ପାଇଁ ଗାୟତ୍ରୀ ଯଜ୍ଞ ପ୍ରେରିତ କରିଥାଏ। ମା' ଗାୟତ୍ରୀ ହେଲେ ବେଦମାତା। ତାଙ୍କର ଆରାଧନା ସକାରାତ୍ମକ ବାତାବରଣ ସୃଷ୍ଟି କରେ ବୋଲି ଶ୍ରୀ ଶତପଥୀ କହିଥିଲେ। ଅନ୍ୟତମ ପ୍ରବଚିକା ଆରାଧନା ଶତପଥୀ ଓ ଉପାସନା ଶତପଥୀ ପ୍ରବଚନ, ଗଳ୍ପ ଓ ସଂଗୀତ ମାଧ୍ୟମରେ ଆଧ୍ୟାତ୍ମିକତା ଓ ବିଜ୍ଞାନ ସଂପର୍କରେ ବ୍ୟାଖ୍ୟା କରିଥିଲେ। କଳିଯୁଗର କଳୁଷିତ ବାତାବରଣକୁ ଦୂର କରିବାରେ ମହିଳା ଓ ଯୁବପିଢି ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ସେମାନେ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ବିଧାୟକ ଜିତୁ ମିତ୍ରଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଏହି ମହାଯଜ୍ଞରେ ଉପସ୍ଥିତ ରହିଥିଲେ। ପୂର୍ଣ୍ଣାହୂତି ସମୟରେ ଯଜ୍ଞସ୍ଥଳ ଲୋକାରଣ୍ୟ ହୋଇଯାଇଥିଲା। ଏହି ଅବସରରେ ଗାୟତ୍ରୀ ସତ୍ ସାହିତ୍ୟର ପ୍ରଦର୍ଶନ କରାଯାଇଥିଲା। ଏହାପରେ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ମହାଯଜ୍ଞରେ ଶକ୍ତିପୀଠର ମୁଖ୍ୟ ପୁରୋଧା ଇଂ. ପ୍ରମୋଦ କୁମାର ପୃଷ୍ଟି, ଉଲ୍ଲାସ ପୃଷ୍ଟି, ରବୀନ୍ଦ୍ର କୁମାର ପଟ୍ଟନାୟକ, ବୈକୁଣ୍ଠ ସାହୁ, ଡ. ଗୌରୀଶଂକର ପ୍ରହରାଜ, ବିଦ୍ୟାଧର ରାଉତ, ସତ୍ୟବାଦୀ ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଜୟନ୍ତ ମିଶ୍ର, ଶତ୍ରୁଘ୍ନ ବିଷୋୟୀ, ପ୍ରହଲ୍ଲାଦ ବାରିକ, ପ୍ରଦ୍ୟୁମ୍ନ ନାଟୁଆ, ସେବତୀ ଭୂୟାଁ, ବିପ୍ରଚରଣ ବେଉରା, ଗୌରାଂଗ ଚରଣ ମଣ୍ଡଳ, ପ୍ରମୋଦ କୁମାର ସାହୁ, ଦେବରାଜ ଜେନା, ସମରେନ୍ଦ୍ର ବଳିଆରସିଂହ ତଥା ଗାୟତ୍ରୀ ପରିବାର ଓ ପତଂଜଳି ଯୋଗପୀଠର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୁରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ମର୍ମରେ ରାଜ୍ୟ ଉପଭୋକ୍ତା ଅଧକ୍ଷ ବଂଶୀଧର ଆଚାର୍ଯ୍ୟ କିପରି ଜଣେ ସାଧାରଣ ଉପଭୋକ୍ତା ଖାଦ୍ୟ ଦୂଷିତ କରଣ, ମାପ ଠକାମୀ ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଏଥିରୁ ନିସ୍ତାର ପାଇବା ପାଇଁ ଉପଭୋକ୍ତାମାନଙ୍କୁ ସଚେତନତା କରିବା ସହିତ ଶିକ୍ଷିତ କରିବା ଏବଂ ଅଧିକାରୀମାନଙ୍କୁ ନେଇ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ତଦାରଖ କରିବାର ବ୍ୟବସ୍ଥା ରଖିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହି ଆଲୋଚନାରେ ଖାଉଟି ସୁରକ୍ଷା ପରିଷଦ ସଦସ୍ୟ ଜୟଦେବ ସିଂ ପେଟ୍ରୋଲ ପମ୍ପରେ ଆବଶ୍ୟକୀୟ ବ୍ୟବସ୍ଥାର ବିଚ୍ୟୁତି, ରାସ୍ତାରେ ଯାଉଥିବା ତେଲ ଗାଡିରେ ତେଲ ଚୋରି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗରଦପୁର ଅଧକ୍ଷ ଜେନେରିକ ଔଷଧର ପ୍ରକୃତ ମୂଲ୍ୟ ଏବଂ ମଦରେ ଦିଆଯାଉନଥିବା ରସିଦ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅନ୍ୟ ଉପସ୍ଥିତ ସଦସ୍ୟମାନେ ଆଲୋଚନାରେ ଭାଗନେଇ ଖାଉଟି ସୁରକ୍ଷା ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ଦେବା ସହ କିପରି ଜିଲ୍ଲା, ରାଜ୍ୟ ଏବଂ କେନ୍ଦ୍ରରେ ଥିବା କମିଶନ ପରି ସଂସ୍ଥା ପଞ୍ଚାୟତ ଓ ବ୍ଲକ ସ୍ତରରେ ପ୍ରଚଳନ ହୋଇପାରିବ ଏବଂ ଜଣେ ସାଧାରଣ ଖାଉଟି ଯେପରି ଜିଲ୍ଲା ପର୍ଯ୍ୟନ୍ତ ନଯାଇ ତୃଣମୂଳ ସ୍ତରରେ ଏହାର ସଦୁପୋଯୋଗ କରିପାରିବ ତାହାର ସୁବ୍ୟବସ୍ଥା କରିବା ପାଇଁ ମତ ରଖିଥିଲେ। ରାଜ୍ୟରୁ ଆସିଥିବା ଯୁଗ୍ମ ସଚିବ ପ୍ରକାଶ କରିଥିଲେ ଯେ ଖାଉଟି ସୁରକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ଆବଶ୍ୟକୀୟ ଅର୍ଥ ସିକା ପକ୍ଷରୁ ଖୁବ ଶୀଘ୍ର ଯୋଗାଇ ଦିଆଯିବ। ଖାଦ୍ୟ ସୁରକ୍ଷା ଅଧିକାରୀ, ଉପଭୋକ୍ତାମାନେ କିପରି ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବଜାର ନିୟନ୍ତ୍ରକ ଅଧିକାରୀ କଟକ ଜିଲ୍ଲାରେ ବିଭିନ୍ନ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରି ଅସାଧୁ ଉପାୟରେ ଖାଦ୍ୟ ମହଜୁଦ କରି ଦରଦାମ ବୃଦ୍ଧି ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ଖାଉଟି ଓ ଅନ୍ୟ ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତର ଗୁଡିକୁ ଜିଲ୍ଲା ଓ ରାଜ୍ୟର ଅଧିକାରୀମାନେ ସୁନ୍ଦର ଓ ସରଳ ଭାବରେ ପ୍ରଦାନ କରିଥିଲେ। ଏହି ମର୍ମରେ ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ କଥାକୁ ତର୍ଜମା କରି କିପରି ଜଣେ ଖାଉଟି ଭବିଷ୍ୟତରେ ଠକାମୀର ଶିକାର ନହେବ ଏବଂ ସଠିକ ପରିମାଣ ଓ ମାନର ଖାଦ୍ୟ ଖାଇ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ବେସାମରିକ ଯୋଗାଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୧୦

# ଟଙ୍କା

ଠକି, ଭଣ୍ଡି, ଚୋରି କରି, ଲା□ ନେଇ, ମିଛ କହି, ଅନୈତିକ କାର୍ଯ୍ୟ କରି କିମ୍ବା ଅନ୍ୟାନ୍ୟ ଯେକୌଣସି ଉପାୟରେ ଅଧିକରୁ ଅଧିକ ଅର୍ଥ ଉପାର୍ଜନ କରିବା ଲକ୍ଷ ପ୍ରାୟତଃ ସମସ୍ତଙ୍କର ଦେଖିବାକୁ ମିଳୁଛି ଆଜି ସମୟରେ । ଟଙ୍କାର ମହତ୍ୱ ଏକ ଭିନ୍ନ ରୂପରେ ସର୍ବ ଗ୍ରହିତ ଆଜିର ଏହି ଅତ୍ୟାଧୁନିକ ମଣିଷ ପାଖରେ । ଟଙ୍କାର ଅର୍ଥ କ'ଣ ଏବଂ ତା'ର ମୂଲ୍ୟ କେତେ ହୁଏତ କାହାକୁ ବୁଝୁନଥିବା ବେଳେ ତା'ର ସଂଖ୍ୟା ଗଣନାଙ୍କ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ରହିଥାଏ ସମସ୍ତଙ୍କର । ଟଙ୍କାର ପ୍ରକୃତ ଉପଯୋଗିତା ବିଷୟ ପଚାରିଲେ ହୁଏତ ୯ ୯ ପାରି ନିର୍ବାକ ରହିବେ ବୋଲି ଆମର ଅନୁମାନ, କି'ନ୍ତୁ ଟଙ୍କାକୁ ସଂଚୟ କରିବା ବିଷୟ ବାଳୁତ ଠାରୁ ବୃଦ୍ଧ ପର୍ଯ୍ୟନ୍ତ କାହାକୁ ଅଗୋଚର ନୁହେଁ । ଟଙ୍କାର ବ୍ୟବହାର ବୟଷାନୁସାରେ ହେଉଥିବା ବେଳେ ନିର୍ବୋଧ ଯେଉଁଭଳି ବ୍ୟବହାର କରିଥା'ନ୍ତି ତାହା ସମୀକ୍ଷା କରିବା କଠିନ । ଟଙ୍କାର ଉତ୍ପତି କେଉଁଠାରୁ ଏବଂ ତାହାର ବ୍ୟବହାରିକ ସୀମା ଉପରେ ହୁଏତ କାହାର ଜ୍ଞାନ ନଥିବା ଅନୁମାନ ହୁଏ ଆମର । ଟଙ୍କା ଆଜି ସମୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି ପ୍ରଦର୍ଶିତ ସର୍ବଦିଗ ସୁରକ୍ଷକ ଭାବେ ସମସ୍ତେ ମାନ୍ୟତା ରଖିଥିବା ସ୍ୱୀକାର୍ଯ୍ୟ । ହେଲେ ବାସ୍ତବିକ ଟଙ୍କା ପଛରେ ରହିଥିବା ପ୍ରକୃତ ରହସ୍ୟ କ'ଣ ଟିକେ ବିଚାର କରି ଦେଖିବା.....

ପ୍ରାଚୀନ ଭାରତରେ ଅନୁନ୍ନତ ଅବସ୍ଥାରେ ବଂଚୁଥିବା ମଣିଷଙ୍କ ମଧ୍ୟରେ ଯେଉଁ ଆଦାନ ପ୍ରଦାନ ହେଉଥିଲା, କିମ୍ବା ବଦଳ ଭି□ରେ ସାମାଜିକ ଜୀବନ ଯାପନ କରାଯାଉଥିଲା ସେ ବିଷୟରେ ସମସ୍ତଙ୍କ ଜ୍ଞାନ ଅଳ୍ପ ବହୁତ ଥିବ ନିଶ୍ଚୟ । ସେତେବେଳେ କିଏ କାହାକୁ କୌଣସି ନିର୍ଦ୍ଦିଷ୍ଟ ମୂଲ୍ୟାଙ୍କନ କରି ଦେଣ ନେଣ ହେଉନଥିଲା । ଆନୁମାନିକ ମୂଲ୍ୟ ଧାର୍ଯ୍ୟ କରି ଅଦଳ ବଦଳ ନୀତିରେ ବିଭିନ୍ନ ଦ୍ରବ୍ୟ ହସ୍ତାନ୍ତରିତ କରି ବଂଚୁଥିଲେ ସମସ୍ତେ । ସମସ୍ତେ ପ୍ରାୟତଃ ପରିଶ୍ରମ କରି ନିଜ ପାଇଁ ଏବଂ ସମାଜ ପାଇଁ ପ୍ରାକୃତିକ ଉପାୟରେ ଖାଦ୍ୟ ଶସ୍ୟ ଠାରୁ ଆରମ୍ଭ କରି ବସ୍ତ୍ର, ବାସଗୃହ ପର୍ଯ୍ୟନ୍ତ ବିଭିନ୍ନ ଉତ୍ପାଦନ କରି ଚଳୁଥିଲା ସମାଜ । କାଳକ୍ରମେ ଦ୍ରବ୍ୟ ଅଦଳ ବଦଳକୁ ସରଳୀକୃତ କରିବା ପାଇଁ ଆରମ୍ଭ ହେଲା ବିଭିନ୍ନ ଧାତବ ଖଣ୍ଡର ବିନିମୟ, କଣା ପଇସା ଇତ୍ୟାଦି । କାଳକ୍ରମେ ସେହି ଧାତବ ଖଣ୍ଡର ବିନିମୟର ରୂପାନ୍ତରିତ ଚେହେରା ଆଜିର ଟଙ୍କାର ପରିଚୟ ସମସ୍ତେ ଅନୁଭବ କରୁଛନ୍ତି । ଟଙ୍କାକୁ ସମାଜରେ ଏମିତି ବ୍ୟବହାର କରାଗଲା ଯାହା ଫଳରେ ରାଷ୍ଟ୍ରର ସୁଦୂର ସ୍ଥାନରୁ କୌଣସି ଦ୍ରବ୍ୟ ପ୍ରାପ୍ତି ପାଇଁ କେବଳ ଏହି କ୍ଷୀଣ କାଗଜ ଖଣ୍ଡର କିଛି ସମାହାର ଯଥେଷ୍ଟ ହୋଇ ପାରିଲା । ସମୟାନୁସାରେ ମଣିଷ ଟଙ୍କାକୁ ଜୀବନର ସର୍ବେସର୍ବା ଭାବେ ଗ୍ରହଣ କରିବାକୁ ଲାଗିଲା । ଦେଖାଗଲା ଯେ ଟଙ୍କା ଥିଲେ ଦୁନିଆରେ ସବୁକିଛି ମିଳି ପାରୁଛି ଏବଂ ସମ୍ଭବ ହୋଇ ପାରୁଛି । ଟଙ୍କାକୁ ଅକ୍ତିଆର କରି ରଖିଲେ ଯେତେବେଳେ ଯାହା ଚାହିଁଲେ କରି ହେଉଛି । ତେଣୁ ଟଙ୍କାକୁ ଜୀବନର ଏକ ଅମୋଘ ଅସ୍ତ୍ର ଭଳି ବ୍ୟବହାର କରିବାକୁ ଲାଗିଲା ମଣିଷ । ସମୟାନୁସାରେ ଟଙ୍କା ପ୍ରତି ମଣିଷ ମନରେ ଏତେ ଦୁର୍ବଳତା ସୃଷ୍ଟି ହେଲେଯେ ବ□ମାନ ସମୟରେ ଟଙ୍କା ପାଇଁ କ'ଣ କ'ଣ ସବୁ ହେଉଛି ଅବର୍ଣ୍ଣନୀୟ ଯାହା ସମସ୍ତଙ୍କୁ ଜଣା, ଏବଂ ତାହାର କୌଣସି ବିସ୍ତୃତ ବ୍ୟାଖ୍ୟା କରିବା ଆବଶ୍ୟକତା ନଥିବା ମନେହୁଏ ଆମର । ହେଲେ ମଣିଷ ମନରେ ଟଙ୍କା ପ୍ରତି ରହିଥିବା ପ୍ରକାଣ୍ଡ ଦୁର୍ବଳତାର ବାସ୍ତବ ରୂପ ରେଖ କ'ଣ ଏବଂ ତାହାର ଉପସ୍ଥିତ ସମୟରେ ସାମାଜିକ ମାନ୍ୟତା ଏବଂ ଉପଯୋଗୀତା ତଥା ମଣିଷ ଜୀବନ ଚର୍ଯ୍ୟାରେ କାର୍ଯ୍ୟକାରିତା ବିଷୟ ଆଲୋଚନା କରିବା.....

ବ□ମାନ ସମୟରେ ଟଙ୍କାକୁ ବ୍ୟକ୍ତିଗତ ସ୍ତରରୁ



ପଙ୍କଜ କୁମାର ପାଣିଗ୍ରାହୀ

ଆରମ୍ଭ କରି ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମାନ୍ୟତାର ଶିର୍ଷକ୍ଷେତ୍ର ଭାବେ ସର୍ବ ଗ୍ରହିତ ହେଉଥିବା ଦେଖିବାକୁ ମିଳୁଛି । ଟଙ୍କା ବିନା ସାଧାରଣ ପରିବାର ଠାରୁ ଆରମ୍ଭ କରି ସାମାଜିକ ବ୍ୟବସ୍ଥା ପରିଚାଳନା ଅସମ୍ଭବ ବୋଲି ଅନୁଭବ ହେଉଛି ସମସ୍ତଙ୍କୁ । ଟଙ୍କାର ଆସନ ସର୍ବୋତ୍କୃଷ୍ଟ ରହିଥିବା ବେଳେ କେବଳ ଅତ୍ୟଧିକ ଟଙ୍କା ରୋଜଗାର କରୁଥିବା ଏବଂ ଗଚ୍ଛିତ ରଖିଥିବା ମଣିଷଙ୍କ ସାମାଜିକ ମାନ୍ୟତା ସର୍ବ ଶୀର୍ଷରେ ରହିଥବା ସମସ୍ତେ ଅନୁଭବ କରୁଛନ୍ତି । ତେଣୁ ନିଜକୁ ସାମାଜିକ ଶୀର୍ଷ ସ୍ଥାନିତ କରିବା ଲକ୍ଷ ରଖି ଅଧିକରୁ ଅଧିକ ଟଙ୍କା ଆଦାୟ କରିବା ନିଶା ସମସ୍ତଙ୍କୁ ଘାରିଛି । କି'ନ୍ତୁ ବ୍ୟକ୍ତିଗତ କ୍ଷମତା ଅନୁଯାୟୀ ଅତ୍ୟଧିକ ଟଙ୍କା ଆଦାୟ ତଥା ଗଚ୍ଛିତ କଲା ପରେ କ'ଣ, ହୁଏତ କାହାକୁ ବୁଝୁନଥିବ । କାରଣ ନିଜ ବ୍ୟବହାର ପରବ□ୀ ଅଧିକ ଟଙ୍କା କ'ଣ ହୁଏ ଏବଂ ତାହା ସେହି ମଣିଷର କି କାର୍ଯ୍ୟରେ ଲାଗିଥାଏ ସମୀକ୍ଷା, ବିଚାର ଶୂନ୍ୟ ମଣିଷଙ୍କ ଟଙ୍କା ପ୍ରତି ରହିଥିବା ପ୍ରଗାଢ଼ ଆଗ୍ରହର ଦୃଶ୍ୟପଟ ଭିନ୍ନ । ଉପସ୍ଥିତ ସମୟରେ ଟଙ୍କାକୁ କିଭଳି ବ୍ୟବହାର କରାଯାଉଅଛି ଏବଂ ସାଧାରଣ ମଣିଷଙ୍କ ଟଙ୍କା ପ୍ରତି ବ୍ୟବହାରିକ ମୂଲ୍ୟାୟନ ତଥା ସାମାଜିକ ସ୍ଥିତି କ'ଣ ସମ୍ପୂର୍ଣ୍ଣ ଭାବେ କାହାକୁ ଗୋଚର ନୁହେଁ । ଟଙ୍କା କୁ କେବଳ ଏକ ଅଲୌକିକ ଭାବେ ବ୍ୟବହାର କରିବା ଶିକ୍ଷା କରିଛି ମଣିଷ । ସେହି ଅଲୌକିକ ଭାବଧାରା ମଧ୍ୟରେ ତାହାର ବ୍ୟବହାର ଶୈଳୀ ଏବଂ ସଂରକ୍ଷଣ ଉପରେ କୌଣସି ଉପଯୁକ୍ତ ଜ୍ଞାନ ରହିତ ମଣିଷ ଯେ ଟଙ୍କା ଉପାର୍ଜନ କରିବାରେ ଦିବାନିଶି ନିଜକୁ ଜାଳି ଜାଳି ଶେଷରେ କ'ଣ କରୁଛି ତାହାର କୌଣସି ବିଚାର ନାହିଁ । କହିବାକୁ ଗଲେ ନିଜସ୍ୱ ବ୍ୟବହାର ବହିର୍ଭୁତ ଟଙ୍କା ଯେ କେବଳ ପର ପାଇଁ ବ୍ୟବହୃତ ହେଉଛି ଏକଥା ହୁଏତ କାହାକୁ ବୁଝୁନାହିଁ । ଚତୁର, ସାଧାରଣ ଲୋକଙ୍କ ଅତ୍ୟଧିକ ଉପାର୍ଜନକୁ ସାମାଜିକ କ୍ଷେତ୍ର ମାଧ୍ୟମରେ କେମିତି ଅକ୍ତିଆର କରି ଉପଭୋଗ କରିଚାଲିଛନ୍ତି ବିଚାରଶୂନ୍ୟ ସାଧାରଣ ମଣିଷଙ୍କ ଜୀବନ ସବୁବେଳେ ବ୍ୟଥିତ ଅବସ୍ଥାରେ ରହୁଥିବା ବୁଝନ୍ତି ନାହିଁ କେହି, ଏହି ଆମ ସମାଜର ଉପସ୍ଥିତ ଦୃଶ୍ୟ ।

ଟଙ୍କାର ନିୟନ୍ତ୍ରଣ ନାହିଁ ଆଜି ସମୟରେ ! ଯେତେ ଚାହିଁଲେ ରୋଜଗାର କରିହେବ ! ଜଣେ ବ୍ୟକ୍ତି କେତେ ରୋଜଗାର କରିବ, କରିବା କଥା ତାହାର କୌଣସି ମାପ କିମ୍ବା ନିୟନ୍ତ୍ରଣ ସୀମା ରେଖା ନାହିଁ ଆମ ସମାଜରେ । ଜଣେ ମଣିଷ ନିଜର ବ୍ୟବହାର ବହିର୍ଭୁତ ଟଙ୍କା ରୋଜଗାର କରି ସଂଚୟ କରିବ, ଆଉ ଜଣଙ୍କ ପାଖରେ କିଛି ନଥିବ, ଏହାର ମର୍ମ କ'ଣ କେହି ହୁଏତ ବୁଝନ୍ତି ନାହିଁ । ଯେଉଁ ମଣିଷଟି ଅମାପ ଟଙ୍କା ରୋଜଗାର କରୁଛି ତାହା ଆସୁଛି କେଉଁଠାରୁ ?! ଆଉ ଯିଏ ସାମାଜିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ନିଜ କର୍ତବ୍ୟନିଷ୍ଠତାକୁ ବିନିଯୋଗ କରି ନିଜକୁ ଯଥେଷ୍ଟ ହେବାଭଳି ମଧ୍ୟ ରୋଜଗାର କରି ପାରୁନାହିଁ ତା'ର ପାପର ପ୍ରାୟଶ୍ଚିତ ନା ଆଉ କଣ ? ସୀମାହୀନ ପ୍ରଶ୍ନ, ଉ□ର ଶୂନ୍ୟ ! (କ୍ରମଶଃ)

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ମନୁସ୍ମୃତି ମନୁବାଦ ଓ ମନୁ

ଗୋପାଳ ମହାପାତ୍ର

ଦେଶରେ ବର୍ଣ୍ଣ ଓ ଜାତି ବ୍ୟବସ୍ଥାକୁ ନେଇ ଅନେକ ସମୟରେ ହୋ ହଲ୍ଲା ଚାଲିଛି । ଏ ବ୍ୟବସ୍ଥାର ଜନକ ବୋଲି କୁହାଯାଇ ମନୁଙ୍କୁ ମଧ୍ୟ ନିନ୍ଦା କରାଯାଉଛି । ପ୍ରଶ୍ନ ଉଠେ ପ୍ରକୃତରେ କ'ଣ ମନୁବାଦ ଓ ମନୁସ୍ମୃତିର ପ୍ରଣେତା ମନୁ ? କଥା ହେଉଛି, ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିଶିଷ୍ଟତା ରହିଛି । ବିଶ୍ୱର ଅନ୍ୟସବୁ ସଭ୍ୟତା ତୁଳନାରେ ଭାରତରେ ବିଶେଷ ପ୍ରକାରର ସଂସ୍କୃତି ପ୍ରବାହମାନ । ଦାର୍ଶନିକ ସ୍ତରରେ ସମସ୍ତ ଜୀବ ଏବଂ ମନୁଷ୍ୟ ଏକ ପରମଶକ୍ତାଙ୍କ ଅଭିବ୍ୟକ୍ତି ଅଟନ୍ତି । କିନ୍ତୁ ସାମାଜିକ ବ୍ୟବହାରରେ ଜାତି ଆଧାରିତ ବିଭାଜନ ରହିଛି । ବର୍ଣ୍ଣବ୍ୟବସ୍ଥା (ଜାତି) ବହୁ ପୂର୍ବରୁ ରହିଛି । ତାହା ବସ୍ତୁତଃ ବ୍ୟବସାୟ ଅଥବା ଦୃଷ୍ଟିକୋଣ ଆଧାରିତ ବର୍ଗ ଥିଲା । ସମାଜର ଗୋଟିଏ ଗୋଷ୍ଠୀ ମନୁଙ୍କୁ ଜାତି ବ୍ୟବସ୍ଥାର ଜନକ ବୋଲି କହିଥାନ୍ତି । ଜାତିକୁ ନେଇ ରାଜନୀତି କରୁଥିବା ଲୋକେ ଏହାକୁ ମନୁବାଦ ବୋଲି ମଧ୍ୟ କହିଥାଆନ୍ତି । ଡଃ ବି.ଆର. ଆମ୍ବେଦକର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ‘ଭାରତରେ ଜାତି ବ୍ୟବସ୍ଥା’ ଶୀର୍ଷକ ଏକ ପ୍ରବନ୍ଧ ୧୯୧୬ ମସିହା ମଇ ମାସ ୯ ତାରିଖରେ ପାଠ କରିଥିଲେ । ତାଙ୍କ ପ୍ରବନ୍ଧରେ ଡଃ ଆମ୍ବେଦକର ମନୁଙ୍କୁ ଜାତି ବ୍ୟବସ୍ଥାର ଜନକ ବୋଲି ନ କହି କହିଥିଲେ ଯେ ‘ମୁଁ ଆପଣମାନଙ୍କୁ ଗୋଟିଏ କଥା କହିବାକୁ ଚାହୁଁଛି ଯେ, ଜାତି ଧର୍ମର ନିୟମ ମନୁ ପ୍ରଦତ୍ତ ନୁହେଁ । ଜାତି ମନୁଙ୍କ ପୂର୍ବରୁ ଥିଲା ।’ ଡକ୍ଟର ଆମ୍ବେଦକର ସମ୍ଭବତଃ ମନୁ ସ୍ମୃତିର ରଚନାକାର କୁହାଯାଉଥିବା ମନୁଙ୍କ ବାବଦରେ ଏକଥା କହିଥିଲେ । ଡକ୍ଟର ଆମ୍ବେଦକରଙ୍କ କଥା ମଧ୍ୟ ସତ୍ୟ ଯେ, ଜାତି ବ୍ୟବସ୍ଥା ମନୁ ସ୍ମୃତିର ରଚନାକାଳ ପୂର୍ବରୁ ଥିଲା । ଋକ୍ ବେଦର ରଚନା କାଳରେ ଜାତି ବ୍ୟବସ୍ଥାର ବିକାଶ ହୋଇନଥିଲା । ଋକ୍ ବେଦରେ ଜନ୍ମକୁ ନେଇ ଓ କର୍ମକୁ ନେଇ ଜାତି ବିଭାଜନ କଥା ଉଲ୍ଲେଖ ନାହିଁ । କିନ୍ତୁ ଋକ୍ ବେଦରେ ମନୁଙ୍କ କଥା ଉଲ୍ଲେଖ ଅଛି । ଜନୈକ ମାର୍କ୍ସବାଦୀ ବିଚାରକଙ୍କ ଦ୍ୱାରା ଲିଖିତ ପୁସ୍ତକ ଇତିହାସ ଦର୍ଶନରେ ବିଚାରକ ଲେଖିଛନ୍ତି ଯେ, ‘ଏହି ତଥ୍ୟ ଅତିବ ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ଋକ୍ଵେଦରେ ମନୁଙ୍କ ନାମ ଏବଂ କାମ ବାବଦରେ ଉଲ୍ଲେଖ ରହିଛି ପରନ୍ତୁ ଜଳ ପ୍ରଳୟର ଉଲ୍ଲେଖ କିମ୍ବା ସେ ବାବଦରେ ସମ୍ୟକ ସୂଚନା ମଧ୍ୟ ନାହିଁ । ଏହି ତଥ୍ୟରୁ ସ୍ପଷ୍ଟ ଯେ, ଋକ୍ ବେଦର ମନୁ ଓ ପୁରାଣବର୍ଣ୍ଣିତ ମନୁ ଭିନ୍ନଭିନ୍ନ ଅଟନ୍ତି ।’ ମନୁ ପ୍ରାଚୀନ ଭାରତୀୟ ଇତିହାସ, ପୁରାଣ ଏବଂ ସଂସ୍କୃତିରେ ଅତୁଟ ପରମ୍ପରା । ଭାରତର ରାଷ୍ଟ୍ର ଜୀବନରେ ମନୁ ଆଶ୍ଚର୍ଯ୍ୟଜନକ ଜିଜ୍ଞାସା ଅଟନ୍ତି । ଜାତିବାଦୀ ରାଜନୀତି କରୁଥିବା ଲୋକେ ନିନ୍ଦା ବା ଗାଳି କରିଥାଆନ୍ତି ଏବଂ ତାଙ୍କୁ ବର୍ଣ୍ଣ ବ୍ୟବସ୍ଥାର ଜନ୍ମଦାତା ବୋଲି କହିଥାନ୍ତି । ଏହି ବ୍ୟସ୍ଥାର ଜନ୍ମଦାତା କିଏ ଏବଂ ଏହାର ଉଦ୍‌ଭବର ସମୟ ବାବଦରେ କେହି ବି ସଠିକ୍ ଭାବରେ କହିପାରିବେ ନାହିଁ । କିନ୍ତୁ ମନୁଙ୍କୁ ନିନ୍ଦା କରାଯାଉଛି । ତାଙ୍କ ନାମକୁ ନେଇ ମନୁବାଦର ଚର୍ଚ୍ଚା ଚାଲିଛି । ସବୁଠାରୁ ମୁଖ୍ୟ କଥା ହେଉଛି, ମନୁଙ୍କ ସପକ୍ଷରେ କେହିଜଣେ କୋହୁନାହାଁନ୍ତି କିମ୍ବା ତାଙ୍କର କେହି ପ୍ରଚାରକ ନାହାଁନ୍ତି । ସେ ଏକ ଜୀବନ୍ତ ନାୟକଙ୍କ ଭଳି ପ୍ରଶଂସା ଏବଂ ନିନ୍ଦା ଶୁଣିଚାଲିଛନ୍ତି । ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ବିବେଚନାରେ ମନୁ ଜଣେ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଅଟନ୍ତି । ମନୁଙ୍କୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଶ୍ନ ହେଉଛି, ମନୁ କ'ଣ ଆମ ପରି ଜଣେ ସାଧାରଣ ମନୁଷ୍ୟ ଥିଲେ ? ଉତ୍ତର ଯଦି ହଁ, ସେ କେବେ ଜନ୍ମ ନେଇଥିଲେ ? ସେ କିଏ ଥିଲେ ? କ'ଣ ମନୁସ୍ମୃତି ପୁସ୍ତକ ସେ ହିଁ ରଚନା କରିଥିଲେ । ମନୁସ୍ମୃତିର ଭାଷା ପରିଷ୍କାର ଏବଂ ବ୍ୟାକରଣ ସମ୍ମତ । ଏଣୁ ସ୍ପଷ୍ଟ ଯେ ବ୍ୟାକରଣର ବିକାଶ ପରେ ହିଁ ମନୁସ୍ମୃତି ରଚନା ହୋଇଛି । ଋକ୍ ବେଦର ଭାଷା ଓ ମନୁସ୍ମୃତିର ଭାଷା ମଧ୍ୟରେ ଭିନ୍ନତା ରହିଛି । ଋକ ବେଦରେ ମନୁଙ୍କୁ ଋଷିମାନଙ୍କ ମଧ୍ୟରେ ପ୍ରାଚୀନ ବା ପୁରାତନ ବୋଲି କୁହାଯାଇଛି । ଅର୍ଥାତ୍ ଋକ୍‌ବେଦ ସମୟର ଋଷିମାନଙ୍କଠାରୁ ମନୁ ପ୍ରାଚୀନ ଅଟନ୍ତି । ଋକ୍ ବେଦରେ ଇନ୍ଦ୍ରଙ୍କୁ ସ୍ତୁତି କରାଯାଇଛି । ଉଲ୍ଲେଖଅଛିଯେ, ‘ପିତା ମନୁ, ଋଷି ଅଥର୍ବା ଏବଂ ଦଦ୍ୟଙ୍ଗ ପ୍ରଥମେ ଇନ୍ଦ୍ରଙ୍କ ସ୍ତୁତିଗାନ କରିଥିଲେ ।’ ଋକ୍‌ବେଦରେ ମନୁଙ୍କୁ ପିତା ଭାବେ ସମ୍ବୋଧନ କରାଯାଇଛି । କିଛି ଦେବତାଙ୍କ ସ୍ତୁତିର ରଚନା ଋକ୍‌ବେଦ ପୂର୍ବରୁ ହୋଇଥିବାର ଜଣାପଡ଼େ । ମନୁ ଅଗ୍ରଜ ଏବଂ ପୂର୍ବଜ ଅଟନ୍ତି । ବୈଦିକ ସାହିତ୍ୟରେ ମନୁ ଯେ ଜାତିବାଦର ଜନ୍ମଦାତା ସେ ବାବଦରେ କୌଣସି ଉଲ୍ଲେଖ ନାହିଁ । ବର୍ଣ୍ଣ ଏବଂ ଜାତି ଦେବତାମାନେ ମଧ୍ୟ ଉଦ୍‌ଭବ କରିନାହାନ୍ତି । ମହାଭାରତ କାଳରେ କର୍ମର ବିଶିଷ୍ଟିକରଣ କାରଣରୁ ସମାଜରେ ବିଭାଜନ ସୃଷ୍ଟି ହୋଇଥିଲା । ସେବେଠାରୁ ବର୍ଣ୍ଣ ବା ବର୍ଗ ବ୍ୟବସ୍ଥିତ ହୋଇ ରହିଛି । ଏହା ଜନ୍ମନା ବା ଜନ୍ମରୁ ନୁହେଁ । ଜାତି ଏବଂ ବର୍ଗ ସାମାଜିକ ବିକାଶର ପରିଣାମ ଅଟେ । ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, ‘ମୁଁ ଗୁଣ ଓ କର୍ମର ଆଧାରରେ ଚାରି ବର୍ଣ୍ଣ ସୃଷ୍ଟି କରିଛି ।’ ଏହାର ଅର୍ଥ ହେଉଛି ପୂର୍ବରୁ ବର୍ଣ୍ଣ ବା ଜାତି ନଥିଲା । ବର୍ଣ୍ଣ ବା ଜାତି ବ୍ୟବସ୍ଥା କୌଣସି ଈଶ୍ୱର ବା ଦେବତା ପ୍ରଦତ୍ତ ନୁହେଁ । ଦେବତା ବା ସର୍ବଶକ୍ତିମାନ ଯଦି ବର୍ଣ୍ଣ ବ୍ୟବସ୍ଥା ସୃଷ୍ଟି କରିଥାଆନ୍ତେ ତେବେ ଋକବେଦରେ ତାହା ଉଲ୍ଲେଖ ଥାଆନ୍ତା । ଗୀତାରେ ବର୍ଣ୍ଣ କଥା ଉଲ୍ଲେଖ ଅଛି, କିନ୍ତୁ ଏହା ଗୁଣ ଓ କର୍ମ ଆଧାରିତ । ଏହା ଜନ୍ମ ଆଧାରିତ ନୁହେଁ । ମନୁ ମଧ୍ୟ ବର୍ଣ୍ଣ ବ୍ୟବସ୍ଥାର ସୃଷ୍ଟିକର୍ତ୍ତା ନୁହଁନ୍ତି । ଋକବେଦରେ ଋଷିକର୍ମର ପ୍ରଶଂସା କରାଯାଇଛି । ଅଶ୍ୱିନୀ ଦେବତା ହଳ ଚଳାଇଥିଲେ ବୋଲି ଉଲ୍ଲେଖ ଅଛି । ଏହାର ଉଦ୍ଦେଶ୍ୟ ସମୃଦ୍ଧି ଥିଲା । ଋକ୍‌ବେଦରେ ଉଲ୍ଲେଖ ରହିଛି ଅଶ୍ୱିନୀ ଦେବଗଣ ମନୁଙ୍କ ସମୃଦ୍ଧି ପାଇଁ ହଳ ଚଳାଉଥିଲେ । ଅଗ୍ନି ସହ ମନୁଷ୍ୟ ଜାତିର ପରିଚୟ ମଧ୍ୟ ପୁରୁଣା । ଅଗ୍ନିର ଉତ୍ପନ୍ନରୁ ସାରା ବିଶ୍ୱରେ ପରିବର୍ତ୍ତନ ହୋଇଥିଲା । ଅଗ୍ନି ବିଷୟରେ ମନୁଷ୍ୟ ଜାଣିଲା କେବେ ? ଏ ବାବଦରେ କୌଣସି ତଥ୍ୟ ନାହିଁ । କିନ୍ତୁ ଋକବେଦରେ ଉଲ୍ଲେଖ ରହିଛିଯେ, ଯଜ୍ଞ ପାଇଁ ମନୁ ଅଗ୍ନି ପ୍ରଜ୍ୱଳିତ କରିଥିଲେ । ଏଣୁ ମନୁ ଯେ ଜଣେ ସାଧାରଣ ବ୍ୟକ୍ତି ତାହା କହିବା ଠିକ୍ ହେବନାହିଁ । ମନୁଙ୍କ ବାବଦରେ ତୈତିରୀୟ ସଂହିତାରେ ମଧ୍ୟ ଉଲ୍ଲେଖ ରହିଛି । ଅନେକ ବୈଦିକ ସାହିତ୍ୟରେ ମନୁଙ୍କ ବାବଦରେ ଅନେକ କଥା ଲେଖାଅଛି, ହେଲେ ମନୁ ଜାତି ଓ ବର୍ଣ୍ଣର ସୃଷ୍ଟିକର୍ତ୍ତା ବୋଲି କୌଣସିଠାରେ ଉଲ୍ଲେଖନାହିଁ । ମନୁ ପ୍ରତିଷ୍ଠିତ ପୂର୍ବଜ ଥିଲେ । ଭାରତରତ୍ନ ଡକ୍ଟର ପି.ବି. କାଣେଙ୍କ ଲିଖିତ ଧର୍ମ ଶାସ୍ତ୍ରର ଇତିହାସରେ ସେ ଲେଖିଛନ୍ତି ଯେ, ‘ମନୁସ୍ମୃତିର ପ୍ରଣୟନ କିଏ କରିଥିଲେ’ ଆଦି ପୂର୍ବଜ ମନୁ ଏହାର ରଚୟିତା ନୁହଁନ୍ତି । ମନୁ ସ୍ମୃତିର ବ୍ୟାକରଣ ପାଣିନୀ ସମ୍ମତ ଅଟେ । ଡକ୍ଟର କାଣେ ଲେଖିଛନ୍ତି ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ଅଥବା ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ମନୁସ୍ମୃତିର ରଚନା ହୋଇଥାଇପାରେ । ମନୁସ୍ମୃତିର କିଛି ଅଂଶକୁ ଆଧୁନିକ ସମାଜ ବିରୋଧ କରୁଛି । ଏହା ମଧ୍ୟ ଏକ ବାଧକାରୀ ସଂହିତା ନୁହେଁ । ମହାଭାରତର ଶାନ୍ତି ପର୍ବରେ ମନୁ ଏବଂ ଦେବଗୁରୁ ବୃହସ୍ପତିଙ୍କ ମଧ୍ୟରେ କଥୋପକଥନ କଥା ରହିଛି । ଉଲ୍ଲେଖ ରହିଛିଯେ, ବୃହସ୍ପତି ମନୁଙ୍କୁ ପ୍ରଣାମ କରି ତତ୍ତ୍ୱଜ୍ଞାନ କଥା ପଚାରିଥିଲେ । ମନୁ ସତ୍ୟ ଏବଂ ବ୍ରହ୍ମତତ୍ତ୍ୱର ବାଖ୍ୟା କରି ବୃହସ୍ପତିଙ୍କୁ ବୁଝାଇଥିଲେ । ଏଣୁ ମନୁଙ୍କ ପରି ପରମ ବିଦ୍ୱାନ ଜାତିବର୍ଣ୍ଣର ସୃଷ୍ଟିକର୍ତ୍ତା ହୋଇପାରିବେ କେମିତି ? ମନୁଙ୍କ ବାବଦରେ ଯାହାସବୁ ଉଲ୍ଲେଖ ରହିଛି ସେ ସବୁ ତଥ୍ୟ ମନୁଙ୍କୁ ବିରୋଧ କରୁଥିବା ଲୋକେ ଜାଣିବା ଉଚିତ୍ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# “ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ, ରମନ୍ତେ ତତ୍ର ଦେବତା”

ଯତ୍ର ‘ନାର୍ଯ୍ୟସ୍ତୁ ପୂଜ୍ୟତେ, ରମନ୍ତେ ତତ୍ର ଦେବତା’ । ଏହା ଥିଲା ପ୍ରାଚୀନ ଭାରତର ବାଣୀ ଓ ଆଦର୍ଶ । ଯେଉଁ ସ୍ଥାନରେ ନାରୀକୁ ପୂଜା କରାଯାଏ , ସେଠାରେ ଦେବତାମାନେ ବିହାର କରନ୍ତି ବୋଲି ମୁନି ଋଷି ତଥା ପୂର୍ବ ସୁରୀମାନେ କହିଥାନ୍ତି । ସେତେବେଳେ ଏହା କେବଳ ଏକ ଧ୍ୱନି ନଥିଲା, ଏହା ଥିଲା ଏକ ସାମାଜିକ ପ୍ରତ୍ୟୟ । ପ୍ରାଚୀନ ଭାରତର ସାମାଜିକ ଜୀବନରେ ନାରୀର ମର୍ଯ୍ୟାଦା ସଂପର୍କରେ ଭୂରି ଭୂରି ପ୍ରଶଂସା କରାଯାଇଛି । ସାଂସାରିକ ଜୀବନଯାତ୍ରାରେ ସେ ଥିଲା ଯଥାର୍ଥରେ ପୁରୁଷର ଅର୍ଦ୍ଧାଙ୍ଗିନୀ । ଗାର୍ଗୀ, ମୈତ୍ରେୟୀ, ଲୀଳାବତୀ ଓ ଖନାଙ୍କ ଭଳି ବିଦୁଷି, ବିଚକ୍ଷଣା ବ୍ରହ୍ମବାଦିନୀ, ପଣ୍ଡିତା ନାରୀ ଯୁଗେ ଯୁଗେ ଅମର ହୋଇ ରହିଛନ୍ତି । ପୁରାଣ ଯୁଗର ସୀତା, ସାବିତ୍ରୀ, ଦମୟନ୍ତି, ଶକୁନ୍ତଳା, ଅନୁସୟା ଙ୍କ ଭଳି ପତିପ୍ରାଣା ସାଧ୍ୱୀ ନାରୀଙ୍କର ଆଦର୍ଶ ଅମଳିନ ଓ ଚିର ଭାସ୍ୱର ଅଟେ । ଇତିହାସ ପୃଷ୍ଠାରେ ମଧ୍ୟ ଭାରତୀୟ ନାରୀମାନେ କମ୍ ପ୍ରତିଷ୍ଠା ଅର୍ଜନ କରି ନାହାଁନ୍ତି । ଅହଲ୍ୟାବାଈ, ଲକ୍ଷ୍ମୀବାଈ, ଶୁକଦେଈ ଙ୍କ ଭଳି ବୀରା ରମଣୀମାନେ ଚିର ସ୍ମରଣୀୟ ଅଟନ୍ତି । ପୁରାଣ ତଥା ଇତିହାସ ଯୁଗର ନାରୀ ମାନଙ୍କର ପ୍ରଭାବ ପ୍ରତିଷ୍ଠା ପୁରୁଷ ମାନଙ୍କ ତୁଳନାରେ କୌଣସି ଗୁଣରେ କମ୍ ନଥିଲା । ଦ୍ରୌପଦୀ ଙ୍କ ଭଳି ଜଣେ ଆର୍ଯ୍ୟଲଳନାର ସତୀତ୍ୱ ଯେତେବେଳେ ସମସ୍ତ ଜ୍ଞାନୀ, ଗୁଣୀ ଓ ସମର୍ଥ ବ୍ୟକ୍ତି ମାନଙ୍କ ସମ୍ମୁଖରେ ହରଣ ହେଉଥିଲା ଏବଂ ଦୌପଦୀ ଙ୍କ ଆକୁଳ ଚିତ୍କାର ଶୁଣି ଭଗବାନ ଙ୍କୁ ବସ୍ତ୍ରାବତାର ହେବାକୁ ପଡିଥିଲା । ଏହା ଥିଲା ସେତେବେଳେ ନାରୀର ବ୍ୟକ୍ତିତ୍ୱ, ସତୀତ୍ୱ, ଭକ୍ତି ତଥା ବିଶ୍ୱାସ ର ପରାକାଷ୍ଠା

ବର୍ତ୍ତମାନ ଆଜିର ଏକବିଂଶ ଶତାବ୍ଦିର ଜ୍ଞାନବିଜ୍ଞାନ ଯୁଗରେ ବା କ୍ଷେତ୍ରରେ ଯେତେ ବିକାଶ ଘଟୁଛି ନାରୀମାନେ ସେତିକି ନିର୍ଯାତିତ ହେଉଛନ୍ତି । ନାରୀ ନିର୍ଯ୍ୟାତନା ଏବେ ବିଶ୍ୱବ୍ୟାପୀ ହୋଇପଡିଛି । ତେବେ ପାଶ୍ଚାତ୍ୟ ଦେଶମାନଙ୍କରେ ନାରୀଶିକ୍ଷା ଓ ନାରୀର ସାମାଜିକ ସ୍ୱାତନ୍ତ୍ର୍ୟ ଅଧିକ ହୋଇଥିବାରୁ ସେଠାରେ ଭାରତ ତୁଳନାରେ ଅପରାଧର ମାତ୍ରା ଉଣା ଅଟେ; ତଥାପି ପାଶ୍ଚାତ୍ୟ ରାଜ୍ୟର କେତେକ ରକ୍ଷଣଶୀଳ ମନୋଭାବ ଯୋଗୁଁ ସମାଜପତି ଓ ଧର୍ମପଣ୍ଡାମାନେ ନାରୀ ସ୍ୱାଧୀନତାକୁ ଖର୍ବ କରିବାକୁ ଚାହାନ୍ତି । ସେହି କାରଣରୁ ଗତ ୧୯୯୨ ମସିହାରେ ଇଂଲଣ୍ଡର ନାରୀମାନଙ୍କୁ ଧର୍ମ ପୁରୋହିତ(prist) ଭାବରେ ନିଯୁକ୍ତି ଘୋଷଣା କରାଯିବାବେଳେ ସେଠାରେ ପ୍ରବଳ ଆଲୋଡନ ସୃଷ୍ଟି ହୋଇଥିଲା । ଏବେ ମଧ୍ୟ ମୁସଲିମ ରାଜ୍ୟମାନଙ୍କରେ ରକ୍ଷଣଶୀଳତା ବଶତଃ ନାରୀମାନେ ମଧ୍ୟଯୁଗୀୟ ଅନ୍ଧକାର ଭିତରୁ ନିଷ୍କୃତି ପାଇନାହାଁନ୍ତି । ଆମ ଭାରତୀୟ ସାମାଜିକ ଜୀବନ ସମ୍ପୂର୍ଣ୍ଣ ଭାବରେ ରକ୍ଷଣଶୀଳତାରୁ ମୁକ୍ତି ପାଇନି । ଏହି କାରଣରୁ ନାରୀକୁ ବହୁ ଅଧିକାରରୁ ବଂଚିତ କରାଯାଇଛି । ପୁରୀର ଶଙ୍କରାଚାର୍ଯ୍ୟ ନାରୀମାନେ ବେଦପାଠ କରିବା ଅନୁଚିତ ବୋଲି କହିଥିବାରୁ ବିଭିନ୍ନ ମହଲରେ ଏ ସଂପର୍କରେ ବିତର୍କ ଆରମ୍ଭ ହୋଇଯାଇଥିଲା । ଭାରତରେ ଜଣେ ପୂର୍ବତନ ମୁଖ୍ୟ ବିଚାରପତି ଏକ ସାଧାରଣ ସଭାରେ ନାରୀ ମାନଙ୍କ ସ୍ୱାଧୀନତା ସଂପର୍କରେ ଅଶ୍ଲୀଳକର ମନ୍ତବ୍ୟ ଦେବା ପରେ କ୍ଷମା ମାଗିଥିଲେ । ତେବେ ସାମାଜିକ ସ୍ୱୀକୃତି ଓ ନିର୍ଯ୍ୟାତନା ଏକା କଥା ନୁହେଁ । ସ୍ୱାଧୀନତାର ପରବର୍ତ୍ତୀ କାଳରେ ସମାଜରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ଉଦ୍‌ବେଗକର ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏ ସମ୍ପର୍କରେ ଯେତେ ଆଇନ କାନୁନ ତିଆରୀ କରାଯାଇଥିଲେ ମଧ୍ୟ ଅପରାଧ ଓ ଅପରାଧୀ କୁ ନିୟନ୍ତ୍ରଣ କରାଯାଇପାରୁନି । ନାରୀ ନିର୍ଯ୍ୟାତନାର ପ୍ରଧାନ ଦିଗଗୁଡିକ ହେଲା ଧର୍ଷଣ, ଯୌତୁକଜନିତ ହତ୍ୟା, କର୍ମଜୀବୀ ମହିଳାମାନଙ୍କ ପ୍ରତି କର୍ମସ୍ଥଳରେ ଅସୌଜନ୍ୟମୂଳକ ତଥା ଅଶ୍ଳୀଳ ଆଚରଣ, ଅସତ୍ ଉଦ୍ଦେଶ୍ୟରେ ଅପହରଣ, ଇଚ୍ଛାବିରୁଦ୍ଧରେ ପ୍ରଲୋଭନ ଦେଖାଇ ସମାନଙ୍କୁ ରୂପ ବ୍ୟବସାୟରେ ନିୟୋଜନ, ସ୍ତ୍ରୀ ମାନଙ୍କ ଉପରେ ମଦ୍ୟପ ସ୍ୱାମୀ ମାନଙ୍କ ନିର୍ଯ୍ୟାତନା ଏବଂ ନାରୀ ତଥା ଝିଅ ମାନଙ୍କର ଅଶ୍ଳୀଳ ପୋଷାକ ପରିଧାନ ଇତ୍ୟାଦି । ୧୯୧୦ ମସିହାରେ ‘Clara zetkin’, Women's right adv, leader of the Women's office for Social Democratic party in Germany tabled the idea of ‘ International Women's Day ‘. ମୂଳତଃ ଏହା ଇଉନାଇଟେଡ ନେସନରେ ପ୍ରଥମ କରି ୧୯୭୫ ମାର୍ଚ୍ଚ ୮ ତାରିଖରେ ପାଳନ କରାଯାଇ ଥିଲା । ନାରୀମାନଙ୍କ ସର୍ବବିଧ ଉନ୍ନତି ତଥା ସୁରକ୍ଷା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ପରିସଂଖ୍ୟାନ କହେ ଭାରତରେ ୨୦୧୬ ରେ ୧,୭୪,୦୨୧ ଜଣ ମହିଳା ଓ ୨୦୧୭ ରେ ୧, ୮୮, ୩୮୨,ଓ ୨୦୧୮ ରେ ୨, ୨୩, ୬୨୧ ଜଣ ମହିଳା ନିଖୋଜ ହେବାର ମାମଲା ରୁଜୁ ହୋଇଛି ଯାହାକି ନାରୀ ସୁରକ୍ଷା ଉପରେ ସରକାର ତଥା ପୋଲିସ ପ୍ରଶାସନର ଅପାରଗତାକୁ ଦର୍ଶାଉଛି । ଆମ ରାଜ୍ୟ ଓଡିଶାରେ ୭୩ ବର୍ଷ ମଧ୍ୟରେ ୩୫୬୮ ଜଣ ମହିଳା ନିଖୋଜ ହୋଇଚନ୍ତି ବୋଲି ସରକାର ସ୍ୱୀକାର କରିଛନ୍ତି । ଏଥି ସହିତ ୭୩୭୬ ଜଣ ଅପ୍ରାପ୍ତ ବୟସ୍କ କନ୍ୟା ଅପହରଣ ହୋଇଛନ୍ତି । ଯାହା ନାରୀ ସମାଜ ତଥା ଜାତି ପ୍ରତି ଏକ ଶକ୍ତ ଧକ୍କା । ଆମ ସମାଜ ତଥା ସାମାଜିକ ବ୍ୟବସ୍ଥା ପୁରୁଷ ପ୍ରଧାନ ହୋଇଥିବାରୁ ପୁରୁଷମାନେ ନିଜର ସ୍ତ୍ରୀମାନଙ୍କୁ ସାମାନ୍ୟ ତୃଟି ଦର୍ଶାଇ ଅତ୍ୟାଚାର କରନ୍ତି । ଛାଡପତ୍ର ପାଇଥିବା ସ୍ତ୍ରୀ ଲୋକମାନେ ଭରଣ ପୋଷଣ ନିମନ୍ତେ ପୁରୁଷର ଆୟ ଉପରେ ଦାବିକରୁଥିଲେ ମଧ୍ୟ ତାହା ଆଇନର ବିଭିନ୍ନ ତର୍ଜମା ଯୋଗୁ ବିଳମ୍ବ ହେବାରୁ ଛାଡପତ୍ର ପାଇଥିବା ନାରୀଟିର ଦୁର୍ଦ୍ଦଶା କହିଲେ ନସରେ । ଏଥିପାଇଁ ଦେଶରେ ଏକପ୍ରକାର ପାରିବାରିକ ଆଚରଣ ବିଧି (Uniform Civil Code) ପ୍ରଚଳନ ପାଇଁ ଦେଶରେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଓ ୧୯୯୫ ମସିହା ମେ ମାସରେ ଭାରତର ସର୍ବୋଚ ନ୍ୟାୟାଳୟ ସରକାରଙ୍କୁ ପରାମର୍ଶ ଦେଇଥିଲେ ମଧ୍ୟ ରାଜନୈତିକ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରିନାହିଁ । ସମାଜରେ ନାରୀ ମହିମା ସଂପର୍କରେ ଯେତେ ଭାବପ୍ରବଣ ପ୍ରଶଂସା କରାଗଲେ ମଧ୍ୟ ସ୍ୱଭାବତଃ ପୁରୁଷର ଶାରୀରିକ ଶକ୍ତି ତୁଳନାରେ ନାରୀ ଦୁର୍ବଳା । ଇତର ଜଗତରେ ମଧ୍ୟ ମାତୃପଶୁ ବା ମାତୃପକ୍ଷୀ ଉପରେ ପୁରୁଷ ପ୍ରାଣୀମାନେ ନିଜର ଦୈହିକ ଶକ୍ତି ବଳରେ ଅଧିକାର ସାବ୍ୟସ୍ତ କରିଥାନ୍ତି । ସେଠାରେ ମାତୃ-ପ୍ରାଣୀଟିର ନିଜର କିଛି ଇଚ୍ଛା ବା ରୁଚି ନଥାଏ । ଏହା ହେଉଛି ଜୀବଜଗତର ଏକ ସ୍ୱଭାବସିଦ୍ଧ ପ୍ରାକୃତିକ ଧର୍ମ । ମନୁଷ୍ୟ ଏକ ଉଚ୍ଚତର ପ୍ରାଣୀ ହେଲେ ମଧ୍ୟ ସେ ଜାନ୍ତବ ପ୍ରକୃତିର ଅଧୀନ । ସେ କେବଳ ସାମାଜିକ ଶୃଙ୍ଖଳା ଓ ସୌଜନ୍ୟ ନିମନ୍ତେ ନିଜ ପାଇଁ ନିଜେ କେତେ ଗୁଡିଏ ଆଚରଣ ସଂହିତା ପ୍ରଣୟନ କର ତୃଟି ପାଇଁ ଦଣ୍ଡବିଧାନର ବ୍ୟବସ୍ଥା କରିଛି । ସମାଜରେ ଯଦି ନାରୀ ସୁରକ୍ଷା ନପାଏ ବା ସୁରକ୍ଷିତା ହୋଇ ନରହିଲେ ସମାଜଜୀବନ ଶୃଙ୍ଖଳା ଓ ଶାଳୀନତା ହରାଇ ବିପର୍ଯ୍ୟସ୍ତ ହୋଇପଡିବ । ସ୍ୱାଧୀନତାର ପରବର୍ତ୍ତୀ କାଳରେ ନାରୀକଲ୍ୟାଣ ଓ ମହିଳା ସୁରକ୍ଷା ଉପରେ ସରକାର ଅଧିକରୁ ଅଧିକ ଧ୍ୟାନ ଦେଉଛନ୍ତି । ମହିଳା ମାନଙ୍କୁ କିପରି ଦେଶର ତଥା ରାଜ୍ୟର ମୁଖ୍ୟ ସ୍ରୋତ ସହିତ ସାମିଲ କରାଯାଇ ସାମାଜିକ, ଅର୍ଥନୀତିକ, ରାଜନୀତିକ ଓ ଆଇନଗତ ଅଧିକାରକୁ ସୁଦୃଢ଼ କରାଯାଇ ପାରିବ ସେଥିପାଇଁ କାର୍ଯ୍ୟ ଆରମ୍ଭ କରାଯିବା ସହ କେତେଗୁଡିଏ ଆଇନ ପ୍ରଣୟନ କରାଯାଇଛି । ଯାହା ହେଲା- ମଜୁରୀ ଆଇନ,Equal Rmuneration Act, Sati Prevention Act ସତୀପ୍ରଥା ନିରୋଧ ଆଇନ, ଫୌଜଦାରୀ ଦଣ୍ଡବିଧି ଆଇନ ଓ ସାକ୍ଷ୍ୟପ୍ରଦାନ ଆଇନ, ବେଶ୍ୟାବୃତ୍ତି ନିରୋଧ ଆଇନ,Immoral Traffic Prevention Act, Maternity Benefit Act ପ୍ରସବ କାଳୀନ ସୁବିଧା ଆଇନ । ଏହା ଛଡା ପାରିବାରିକ ଜୀବନରେ ନାରୀମାନଙ୍କ ପ୍ରତି ହିଂସା ଓ ନିଷ୍ଠୁରତା ( Domestic Violence) ବିରୋଧରେ ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ ଏହାର ପ୍ରକୃତ କାର୍ଯ୍ୟକାରିତା ସଠିକ ଭାବରେ ହୋଇପାରୁନି । ୧୯୯୨ ମସିହାରୁ କେନ୍ଦ୍ର ଓ ରାଜ୍ୟସ୍ତରରେ ମହିଳା କମିଶନମାନ ଗଠନ କରାଯାଇଛି ମାତ୍ର ତାର ସଠିକ୍ ଭାବରେ କାର୍ଯ୍ୟକାରିତା ହୋଇପାରୁନାହିଁ । ବିଗତ ଶତକର ଶେଷଭାଗରେ ସମଗ୍ର ବିଶ୍ୱରେ ନାରୀର ଅଧିକାର ଓ ମର୍ଯ୍ୟାଦା ସଂପର୍କରେ ଅଧିକ ସଚେତନତା ପ୍ରକାଶ ପାଇଛି । ନାରୀମାନେ ଶାସନ ଓ ରାଜନୀତି କ୍ଷେତ୍ରରେ ଅଧିକ ଦକ୍ଷତା ପ୍ରଦର୍ଶନ କରୁଚନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଇଂଲଣ୍ଡର ମାର୍ଗାରେଟ ଥାଚରଙ୍କଠୁ ଆରମ୍ଭ କରି ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ରାଷ୍ଟ୍ରପତି ପ୍ରତିଭା ସିଂ ପାଟିଲ, ଦ୍ରୌପଦି ମୁର୍ମୁ, ପାକିସ୍ତାନର ବେନଜିର ଭୁଟୋ, ବଙ୍ଗଳାଦେଶର ଶେଖ୍ ହସିନା ଆହୁରି ଅନେକ । ୧୯୯୫ ମସିହା ଅଗଷ୍ଟ ମାସରେ ଚୀନର ବେଜିଂଠାରେ ଏକ ଦଶ ଦିନିଆ ବିଶ୍ୱନାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୮୧ ଟି ଦେଶରୁ ପ୍ରାୟ ୨୩ ହଜାର ମହିଳା ପ୍ରତିନିଧି ଯୋଗ ଦେଇଥିଲେ । ଜାତିସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବେ ସାରା ରାଜ୍ୟରେ ପାଳନ କରାଯାଉଛି । ଆମ ରାଜ୍ୟ ହେଉଛି ସୀତା ,ସାବିତ୍ରୀର ରାଜ୍ୟ ତେଣୁ ଆମ ରାଜ୍ୟରେ ନାରୀ ମାନଙ୍କର ସୁରକ୍ଷା ଦାୟୀତ୍ୱ ସମସ୍ତଙ୍କର ହେବା ବିଧେୟ ।



ଉମାଶଙ୍କର ପ୍ରସାଦ
ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ନାରୀର ସମ୍ମାନ ଓ ସୁରକ୍ଷା ଆମର ମୌଳିକ କର୍ତବ୍ୟ ହେବା ଉଚିତ୍



ମୌଲାନା ଫଜଲ ହକ ଖାନ

ବର୍ତ୍ତମାନ ଆମ ପ୍ରଗତିଶୀଳ ସମାଜରେ ନାରୀର ଅବସ୍ଥା କାହା ପାଖେ ଲୁଚି ରହି ନାହିଁ । ଦୁଃଖର କଥା ଯେ ପାଶ୍ଚାତ୍ୟ ଜଗତର ଶିକ୍ଷା ଓ ସଂସ୍କୃତିକୁ ବୁଝିବାକୁ ଯାଇ,ଏବେ ଆମେ ସେହି ଜଗତର ମର୍ଯ୍ୟାଦାହୀନ ଓ ଅପମାନଜନକ ସଂସ୍କୃତିର ବଶବର୍ତୀ ହୋଇ ଯାଇଛେ । ଯେଉଁଠି ନାରୀକୁ କମ ବସ୍ତ୍ରରେ ଦେଖିବା ଓ ଦେଖାଇବା ବେଶ ସମ୍ମାନଜନକ ମନେ କରାଯାଉଛି । ସେହି ବିକୃତ ସଂସ୍କାରକୁ ଆଜି ଆମେ ଆପେଣାଇ ନେଇଛେ । ଫଳ ସ୍ୱରୂପ ଆମେ ଦୈନ୍ୟଦିନ ଖବର କାଗଜ ଓ ନ୍ୟୁଜ ଚାନେଲମାନଙ୍କରେ ନାରୀ ଧର୍ଷଣ,ବଳତ୍କାର, ଅସଦ୍‌ଆଚରଣ, ନିର୍ଜାତନା ଓ ବଧୂ ହତ୍ୟାର ଦୁଃଖଦ ଓ ମର୍ମାହତର ବାସ୍ତବିକତା ଦେଖିପାରୁଛେ । ଏଥି ପାଇଁ ସରକାର ଓ ନ୍ୟାୟାଧିଶ କଡାକଡି ଭାବେ ନିୟମ କାନୁନ ଲାଗୁ କରିଛନ୍ତି । କିନ୍ତୁ ନାରୀର ଅବସ୍ଥାରେ କୌଣସି ସୁଧାର ନାହିଁ । ସୁଧାର ଆସିବ କିପରି ?

ନିଶ୍ଚିତରେ ଆଜି ଆମେ ସତ୍‌ମାର୍ଗକୁ ଭୁଲି ଯାଇ, ସଟକଟ ମାର୍ଗକୁ ଆପଣାଇ ନେଇଛେ । ଭଲ ଜିନିଷ ଛାଡି ଭୁଲ ଜିନିଷକୁ ପସନ୍ଦ କରିନେଇଛେ । ଦୈନ୍ୟଦିନରେ ଆମେ ଜାଣିଛେ,କୌଣସି ଉତମ ଓ ମୂଲ୍ୟବାନ ବସ୍ତୁକୁ ସର୍ବଦା ଲୁଚାଇ ରଖା ଯାଇଥାଏ । ଏଥିରେ ତାର ସମ୍ମାନ ଓ ସୁରକ୍ଷା ରହିଥାଏ । କେହି ତାକୁ ଚୋରି ମଧ୍ୟ କରି ପାରିନଥାନ୍ତି । ନଚେତ୍ ତାର ଚୋରି ହେବାର ଅଧିକ ଆଶଂକା ରହିଥାଏ । ଠିକ ସେହିପରି ଯଦି ଆମେ ନାରୀର ମହାନତଦା, ଉତମତା ଓ ଅମୂଲ୍ୟତାକୁ ବୁଝିପାରନ୍ତେ ତା'ହେଲେ ନାରୀ ଜାତିର ବେଶ ସୁରକ୍ଷା ହୋଇପାରନ୍ତା । ଯେପରି ପବିତ୍ର କୁରଆନ ନାରୀର ସମ୍ମାନ ଓ ମହାନତା ବିଷୟରେ ଏ ଉତମବାଣୀ ଦେଇ କହିଥାଏ ଯେ, ଆମେ ତୁମକୁ ପୁରୁଷ ଓ ସ୍ତ୍ରୀ ଦୁଇଗୋଟି ଜାତି ରୂପେ ସୃଷ୍ଟି କରିଅଛୁ । ବାସ୍ତବରେ ପ୍ରକୃତ ମୁସଲମାନ ଏବଂ ବିଶ୍ୱାସକାରିଣୀ, ଆଜ୍ଞାପାଳନକାରିଣୀ, ସତ୍ୟବାଦିନୀ, ଧୈର୍ଯ୍ୟଶୀଳା, ବିନୟ ପ୍ରଦର୍ଶନକାରିଣୀ, ଦାନ କରୁଥିବା ନାରୀ, ରୋଜା ରଖୁଥିବା ନାରୀ, ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ବୈକୁଣ୍ଠର ମହାନ ପୁରସ୍କାର ରଖାଯାଇଅଛି । ପୁଣି କୁହାଯାଇଛି, ହେ ବିଶ୍ୱାସକାରୀମାନେ ତୁମେ ନିଜ ପତ୍ନୀ ଓ କନ୍ୟାମାନଙ୍କୁ କହିଦିଅ; ଯେ ସେମାନେ ନିଜର ବଡ ଚାଦର(ଓଢଣୀ)କୁ ମୁଣ୍ଡ ଉପର ଦେଇ ବକ୍ଷସ୍ଥଳ ପର୍ଯ୍ୟନ୍ତ ଘୋଡାଇ ରଖିବେ; ଏପରି କରିବା ଫଳରେ ସେମାନଙ୍କୁ ଚିହ୍ନି ହେବ ଓ ସେମାନଙ୍କୁ କେହି ଇଙ୍ଗିତ କରିପାରିବେ ନାହିଁ । ଏତଦ୍ ଦ୍ୱାରା ନାରୀର ସମ୍ମାନ ବଜାୟ ରହିବା ସହ ତାର ସୁରକ୍ଷା ମଧ୍ୟ ହୋଇଥାଏ । ଆମକୁ ଜାଣିବାକୁ ହେବ ଯେ ନାରୀ ସମାଜରେ ଜଣେ ମାଁ ହୋଇଥାଏ । ପବିତ୍ର କୁରଆନ କହିଥାଏ; ମାଁର ସମ୍ମାନ ଓ ସେବା କରିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ହୋଇଥାଏ । ନାରୀ ଜଣେ ସହଧର୍ମିଣୀ ହୋଇଥାଏ, ଯାହାର ଉଚିତ୍ ସମ୍ମାନ ଓ ସଦବ୍ୟବହାର କରିବା ଦ୍ୱାରା ସେ ଘରକୁ ଏକ ସ୍ୱର୍ଗ ପରି ଗଢିତୋଳିଥାଏ ଏବଂ ସନ୍ତାନର ଉତମ ମାଁଟିଏ ବି ବନିପାରିଥାଏ । ସେ ପାଳନକର୍ତାଙ୍କ ଭଳି ଆମ ପରିବାରକୁ ଏକ ସୂତରେ ବାନ୍ଧି ଏକତାବଦ୍ଧ କରିପାରିଥାଏ । ନାରୀ ଜଣେ ଭଗ୍ନି ହୋଇଥାଏ, ଯାହା ଏକ ଭାଇ ପାଇଁ ଗୌରବ ହୋଇଥାଏ । ଭାଇ ତାର ସୁରକ୍ଷା ପାଇଁ ସଦାସର୍ବଦା ବାପ ପରି ତାର କର୍ତବ୍ୟରେ ସଂକଳ୍ପବଦ୍ଧ ହୋଇଥାଏ । ନାରୀ ଜଣେ କନ୍ୟା ସନ୍ତାନ ହୋଇଥାଏ । ଯାହାର ଲାଳନ ପାଳନ, ସୁଶିକ୍ଷା ଓ ଆଦର୍ଶବାନ ଗଢିବା ଦ୍ୱାରା ବାପ ମାଁଙ୍କୁ ସ୍ୱର୍ଗ ପାପ୍ତି ହୋଇଥାଏ । ମହାମାନ୍ୟ ମୁହମ୍ମଦ କହିଛନ୍ତି ପ୍ରତ୍ୟେକ ବାଳକ ଓ ବାଳିକା ପାଇଁ ଶିକ୍ଷା ହାସଲ କରିବା ନିହାତି ଆବଶ୍ୟକ । ସ୍ତ୍ରୀର ମୁହଁରେ ମୁଠାଏ ଖାଦ୍ୟ ଖୁଆଇ ଦେବା ବି ଏକ ପୁଣ୍ୟ କର୍ମ । ଆଜିର ଦିନରେ ନାରୀ ଜଣେ ମାହମହିମ ରାଷ୍ଟ୍ରପତି ହୋଇପାରୁଛି । ଜଣେ ପ୍ରଧାନ ମନ୍ତ୍ରୀ ହୋଇ ପାରୁଛି । ଜଣେ ମୁଖ୍ୟ ମନ୍ତ୍ରୀ ଆସନରେ ବସିପାରୁଛି । ତଥା ଏମ.ପି, ଏମ.ଏଲ.ଏ, ମେୟର, କର୍ପୋରେଟର ଓ ସରପଂଚ ବି ହୋଇପାରୁଛି । ଦେଶ ମାତୃକାର ସେବାରେ ପୁରୁଷ ଭଳି ବଳିଷ୍ଠ ସେନାବାହିନୀରେ ସାମିଲ ହୋଇ କର୍ତବ୍ୟ ପରାୟଣାର ପ୍ରମାଣ ଦେଇପାରୁଛି । ନାରୀ ଆଜି ସ୍ୱାସ୍ଥ୍ୟ କ୍ଷେତ୍ରରେ ଡ଼ାକ୍ତରଆଣୀ, ଶିକ୍ଷା କ୍ଷେତ୍ରରେ ଶିକ୍ଷୟତ୍ରୀ, ଉଦ୍ୟୋଗ କ୍ଷେତ୍ରରେ ଉଦ୍ୟୋଗପତି, ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ, ଧର୍ମ ଓ ବିଶ୍ୱାସ କ୍ଷେତ୍ରରେ ସେ ମା-ମାତା ଏବଂ ଦେବିମାତା ଭାବେ ସମାଜରେ ନିଜର ଭଲ ଚିତ୍ର ଓ ଚରିତ୍ର ଗଢିବାରେ ପ୍ରୟାସ କରି ଆସୁଛି । ଏପରି କି ଶିରିନ ଇବାଦୀ (୨୦୦୩), ମଲାଲା ୟୁସୁଫଜାଇ (୨୦୧୪), ନାଦିଆ ମୁରାଦ(୨୦୧୮) ଏବଂ ମାରିଆ ରେସା (୨୦୨୧) ଭଳି ନାରୀ ବିଶ୍ୱର ସର୍ବଶ୍ରେଷ୍ଠ ନୋବେଲ ପୁରସ୍କାର ପାଇବାରେ ପଛ ଘୁଂଚା ଦେଇନାହିଁ । କିନ୍ତୁ ଆମେ ନାରୀ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଏବେ ବି ଏତେ ଅବହେଳା କାହିଁକି ? ତାଙ୍କ ପ୍ରତି ଏପରି ଅନ୍ୟାୟ ଓ ଅନାଦର ମନଭାବ କାହିଁକି ? କାରଣ ଆଜି ଆମେ ଧର୍ମକୁ ଛାଡି ଅଧର୍ମେ ଗତି କରୁଛେ । ‘ଧର୍ମ ଏକା ସିନା ମହତ ପଣିଆ - ଆଉ ସବୁ କିଛି ଅଢେଇ ଦିନିଆ'ର ମୂଳ ମର୍ମକୁ ଭୁଲିଯାଇଛେ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭଲ ଓ ଭୁଲର ବିଚାର କରୁ ନାହେଁ । ଅନ୍ୟାୟ ଓ ପାପର ଭାର ଧରାପୃଷ୍ଟରେ ଅଧିକ ହେବାରେ ଲାଗିଲାଣି । ସେଇଥି ପାଇଁ ସଂସାରରେ ଏସବୁ ବିପ୍ରାପ୍ତର ସୁତ୍ରପାତ ହେଉଛି । ଆସନ୍ତୁ ଆମେ ଏକ ମନ ଏକ ପ୍ରାଣ ହୋଇ ନାରୀ ଶକ୍ତିକୁ ଉଜାଗର କରିବା । ତାକୁ ତା'ର ଉଚିତ୍ ସମ୍ମାନର ବସ୍ତ୍ର ପିନ୍ଧାଇ ତା'ର ସୁରକ୍ଷା କରିବା । ତାକୁ ସୁରକ୍ଷିତ ରଖିବା ଓ ସୁରକ୍ଷା ଦେବା ଆମର ମୌଳିକ କର୍ତବ୍ୟ ହେବା ଉଚିତ୍ ।



ୟୁନିଟ-୪ ଭୁବନେଶ୍ୱର
ମୋ:୯୬୯୨୨୨୫୦୫୭




# ରାଜନୈତିକ ପଶାପାଲିରେ ଅଙ୍ଗନବାଡି କେନ୍ଦ୍ର



ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତ ଅନ୍ତର୍ଗତ ଗାଙ୍ଗୋତ୍ରୀ ନଗର ରୋଡ ନଂ-୩ଠାରେ ବିଗତ ବହୁ ଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ର ଭଡାରେ ଚାଲିଛି। ଏଥିରେ ବହୁ କୁନି ଓ କୋମଳମତି ଶିଶୁମାନେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଉକ୍ତ ଭଡା ସ୍ଥାନରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ରର ଭିତିଭୂମି ଠିକ୍ ନଥିବାରୁ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଦାବୀ ହୋଇଥିଲା। ଯାହାଫଳରେ ରାଜ୍ୟ ସରକାର ଅଙ୍ଗନବାଡି କେନ୍ଦ୍ର ପାଇଁ ତହସିଲଦାରଙ୍କ ପତ୍ର ସଂଖ୍ୟା-୯୨୩୪, ତାରିଖ-୩୧.୦୫.୨୦୨୨ ଦ୍ୱାରା ୨୦୦ ଡିସିମିଲି ଜମି ଆବଟଂନ କରିଥିଲେ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ କିନ୍ତୁ ସେହି ଜମି ଜବରଦଖଲ ଥିବାରୁ ବିଡିଓ ନିଜ ଅକ୍ତିଆରକୁ ନେଇପାରିଲେ ନାହିଁ ଓ ତହସିଲଦାରଙ୍କୁ ଅବଗତ କରାଇଥିଲେ ଉକ୍ତ ଜାଗାକୁ ଜବର ଦଖଲ ମୁକ୍ତ କରିବାକୁ। ତହସିଲଦାର ସେହି ଜାଗାକୁ ପୋଲିସ ସହାୟତାରେ ଜୁନ୍ ମାସ ୨୮ ତାରିଖରେ ଆଂଶିକ ଉଚ୍ଛେଦ କରି ଜବରଦଖଲ ମୁକ୍ତ କରିପାରିନାହାଁନ୍ତି। ଶୁଣିବାକୁ ମିଳୁଛି ନିକଟରେ ଥିବା ଏକ ମଠର କର୍ମକର୍ତାମାନେ ଆରଆଇ ଓ ତହସିଲଦାରଙ୍କୁ ଉଚ୍ଛେଦ ନକରିବା ପାଇଁ ଚାପ ପକାଉଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି ଯାହାକି ଅନୁସନ୍ଧାନସାପେକ୍ଷ। ତହସିଲଦାର ଓ ସିଡିପିଓଙ୍କ ଅସମ୍ଭବ ନୀରବତା ସମସ୍ତଙ୍କୁ ସନ୍ଦେହଘେରକୁ ଟାଣୁଛି। ସିଡିପିଓ ଏହି ଅଗଷ୍ଟ ୩୧ ତାରିଖ ୨୦୨୨ରେ ଅବସର ନେବାକୁ ଯାଉଥିବାବେଳେ ସେ ଅଙ୍ଗନବାଡି କର୍ମୀଙ୍କୁ ଓ ସ୍ଥାନୀୟ ସୁପରଭାଇଜର ଉପରେ ଅଙ୍ଗନବାଡି କେନ୍ଦ୍ର ଯାଗା ବଂଟନକୁ ନେଇ ମୁହଁ ନଖୋଲିବାକୁ ତାଗିଦ କରିଥିବା ଶୁଣିବାକୁ ମିଳୁଛି। ଯାହାଫଳରେ ସିଡିପିଓଙ୍କର ବିଫଳତା ପରିପ୍ରକାଶ ହୋଇଯିବ। ଜନସାଧାରଣ ଅତିଷ୍ଠ ହେଲେଣି। ଅଙ୍ଗନବାଡି କେନ୍ଦ୍ରକୁ ନେଇ ଏତେ ରାଜନୀତି ପିଲାମାନଙ୍କର ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି। ମାସକୁ ୫ ହଜାର ଟଙ୍କା ଭଡା ଦେଇ କେତେଦିନ ଚାଲିବ ଅଙ୍ଗନବାଡି କେନ୍ଦ୍ର ତା ସମୟ ହିଁ କହିବ। ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଲୋକଙ୍କୁ ହାତ କରି ମଠର କର୍ମକର୍ତା ଆରଆଇ ଏବଂ ତହସିଲଦାରଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଯାହାଫଳରେ ସରକାରୀ ନିୟମ ପାଳନ କରିବାରେ ଅହେତୁକ ବିଳମ୍ବ ହେଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଏହି ବିଷୟରେ ଅବଗତ ଥିବା ସତ୍ତ୍ୱେ ତହସିଲଦାର ଓ ସିଡିପିଓ ଏବଂ ରେଭିନ୍ୟୁ ଇନ୍ସପେକ୍ଟର ତାଙ୍କୁ ଭୁଆଁ ଭୁଲେଇ ସମୟ ଗଡାଇବାରେ ବ୍ୟସ୍ତ। ଏଥିରେ ଅବଗତି ନିମନ୍ତେ ରାଜ୍ୟ ବିଧାନସଭାରେ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ବିଧାୟକ ସାଲୁଗା ପ୍ରଧାନ ଏକ ମୌଖିକ ପ୍ରଶ୍ନ ପଚାରିଥିଲେ। ବିଭାଗୀୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ୦୨.୦୭.୨୦୨୨ରେ ମୌଖିକ ପ୍ରଶ୍ନ ନଂ-୩ର ଉତର ଦେଇ କହିଥିଲେ ଲିଙ୍ଗିପୁର ଗ୍ରାମପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗରଠାରେ ଅଙ୍ଗନବାଡି କେନ୍ଦ୍ର ପାଇଁ ଭୁବନେଶ୍ୱର ତହସିଲଦାର ତାଙ୍କ ପତ୍ର ସଂଖ୍ୟା-୯୨୩୪, ତା.୩୧.୦୫.୨୦୨୨ରେ AO-୨୦୦ ଯାଗା ପ୍ଲଟ ନଂ-୯୧, ଖାତା ନଂ-୭୬୧ରେ ବିଡିଓଙ୍କୁ ଯାଗା ବଂଟନ କରିବା ସତ୍ତ୍ୱେ ଉକ୍ତ ପ୍ଲଟଟି ଜବରଦଖଲ ହୋଇଥିବାରୁ ଗୃହନିର୍ମାଣ ଅଦ୍ୟାବଧି ହୋଇପାରିନାହିଁ। ଏଥିପାଇଁ ଭୁବନେଶ୍ୱର ଡିସିପିଙ୍କୁ ଉପଜିଲ୍ଲାପାଳ ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା- ୪୭୫୮, ତା.୨୨.୦୬.୨୨ରେ ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତର ବିଧାନସଭାରେ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ୨ମାସ ଉପରକୁ ହୋଇଯିବା ସତ୍ତ୍ୱେ କ'ଣ ପାଇଁ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଯାଗା ହସ୍ତାନ୍ତର ହୋଇପାରୁନାହିଁ ତାହା ତଦନ୍ତ କରି ରାଜ୍ୟ ସରକାର ସିଡିପିଓ, ତହସିଲଦାର ଓ ରେଭିନ୍ୟୁ ଇନ୍ସପେକ୍ଟରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି। ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳାମାନଙ୍କୁ ଅଣ୍ଡା, ଲଡୁ ଏବଂ ଛୋଟପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ଦେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛି ଅଙ୍ଗନବାଡି କେନ୍ଦ୍ର। ସିଡିପିଓ ନିଜର କର୍ତବ୍ୟରେ ହେଳା କରୁଥିବାରୁ ତାଙ୍କୁ ତୁରନ୍ତ ଚାକିରୀରୁ ନିଲମ୍ବନ କରିବା ପାଇଁ ଦାବୀ ହୋଇଛି।

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ

ଭୁବନେଶ୍ୱର (ପିଏନ୍): ଦେଶ ତା'ର ୭୫ବର୍ଷ ପୂର୍ତ୍ତି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସମଗ୍ର ଓଡିଶାର ୨୫ଟି ଜିଲ୍ଲାରେ, ପ୍ରତ୍ୟେକ ଜିଲ୍ଲାରେ ୫ଟି ସ୍ଥାନ କରି ମୋଟ ୧୨୫ଟି ସ୍ଥାନରେ କବିତା ପାଠୋତ୍ସବ ସ୍ୱାଧୀନତା ଦିବସରେ ଆୟୋଜନ କରିଥିଲା। ପ୍ରାୟ ୨୫ଶହ କବି ତାଙ୍କର ସ୍ୱରଚିତ ଦେଶାତ୍ମକ କବିତା ପାଠ କରିଥିଲେ। ଏହି କ୍ରମରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠୋତ୍ସବକୁ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଡଃ. ବାସୁଦେବ ଦାସ ଓ କବି ନିରାକର ଦାସ ଯୋଗଦେଇ ଆମ ସ୍ୱାଧୀନତାରେ ଆମ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି କବି ଭାବେ ବୃନ୍ଦାବନ ଦାସ, ଅକ୍ଷୟ ନାୟକ, ଡଃ. ଶ୍ରୀଧର ସାମଲ, ମନୋରଞ୍ଜନ ସାହୁ, ରଞ୍ଜନ ବାଇ, ଡା. ବି. କେ. ପ୍ରଶାନ୍ତ କୁମାର, କବିତା ମୁଦୁଲି, ସୁନନ୍ଦା ପ୍ରଧାନ, ବୀଣାପାଣି ଚୌଧୁରୀ, ନୃସିଂହ ତରାଇ, ବିମଳ ପ୍ରସାଦ ପରିଡା, ପୁଷ୍ପାଞ୍ଜଳି ପଣ୍ଡା, ମନ୍ମଥ ବରାଳ, ହରିହର ବେହେରା, ମାମା ସ୍ୱାଇଁ, ସମର୍ପିକା ଦଳାଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କେନ୍ଦ୍ରାପଡା କଲେଜର ଅଧ୍ୟାପକ ରଞ୍ଜିତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଜିଲ୍ଲା ପ୍ରତିନିଧି ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। କବି ନବଜ୍ୟୋତି ରାୟ କବିତା ସଂଯୋଜନା କରିଥିଲେ। ଏହି ସଭାକୁ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ମନୀଷାକାନ୍ତି ଜେନା, ଅଧ୍ୟାପିକା ସସ୍ମିତା ଅଧିକାରୀ ଓ ଅଧ୍ୟାପକ ପ୍ରମୋଦ ବେହେରା ସଂଚାଳନା କରିଥିଲେ। ସଭା ପ୍ରାରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର, ସାନ୍ତସାହିର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ ଗାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଏଥିରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

# ଫୁଲବାଣୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଖାଉଟି ସୁରକ୍ଷା ସଚେତନତା ସପ୍ତାହ ପାଳନ

କନ୍ଧମାଳ, (ପି.ଏନ): ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଖାଉଟି ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣୀ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ଅନୁଷ୍ଠାନର ଅଧକ୍ଷ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଅଧିବକ୍ତା ବିଜୟକୃଷ୍ଣ ପଟ୍ଟନାୟକ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ଗ୍ରାହକ ମାନେ ସଚେତନ ହେବା ସହ ଜିନିଷ କିଣିଲା ବେଳେ ଯେମିତି ଠକାମିରେ ନ ପଡିବେ ଏବଂ ବିଲ ସାଙ୍ଗରେ ନେବେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ, ମାପ ଓ ଓଜନ ବିଭାଗର ଅଧିକାରୀ ରାଜେଶ କୁମାର ନାୟକ ଏବଂ ବିକାଶ ଚନ୍ଦ୍ର ସାହୁ, ସତ୍ୟବ୍ରତ ଷାଣ୍ଢ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ।କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣୀର ସମ୍ପାଦିକା ବିଜୟଲକ୍ଷ୍ମୀ ସାହୁ ପରିଚାଳନା କରିଥିଲା ବେଳେ ତାଲିମପ୍ରାପ୍ତ ଅଧିକାରୀ ଡ଼ଃ. ନୃସିଂହାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀକୃତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଉଦ୍‌ଘାଟିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ମନୋଜ ମଂଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ସିଦ୍ଧମଠ ସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଶ୍ରେଣୀ ଗୃହ ଜେ.ଏସ୍.ଡବ୍ଲୁ. ଷ୍ଟିଲ ଲିଃ ବଡବିଲ ସହାୟତାରେ ନବୀକୃତ କରାଯାଇଛି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ନବୀକୃତ ବିଦ୍ୟାଳୟକୁ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଉଦ୍‌ଘାଟନ କରିଛନ୍ତି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସାରା ଦେଶ 'ଆଜାଦ କୀ ଅମୃତ ମହୋତ୍ସବ' ପାଳନ କରିଥିବାବେଳେ ସିଏସ୍ଆର କାର୍ଯ୍ୟକ୍ରମରେ ଏହି ମହନୀୟ କାମ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ସମାଜରେ ପ୍ରତିଷ୍ଠା ଲାଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜେ.ଏସ୍,ଡବ୍ଲୁ (ମାଇନ୍ସ ଅପରେସନ) ଉପସଭାପତି ବିଶ୍ୱରଂଜନ ପାଢୀ ଯୋଗଦେଇ ୭୫ତମ ପୂର୍ତ୍ତୀ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହିତ ସ୍ୱାଧିନତା ଆଣିବା ପାଇଁ ଯେଉଁ ବୀରପୁତ୍ରମାନେ କଠିନ ପରିଶ୍ରମ କରିଥିଲେ, ସେମାନଙ୍କ ସ୍ମୃତିଚାରଣ କରିଥିଲେ। ମନୋଜ ମଂଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ନବୀକରଣରେ ଜେ.ଏସ.ଡବ୍ଲୁ. ସହଯୋଗର ହାତ ବଢାଇଥିବାରୁ ଉପସ୍ଥିତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ବା ୟୁଡିଆଇଡି ସାର୍ଟିଫିକେଟ ଅନଲାଇନରେ ଅଗଷ୍ଟ ମାସ ଶେଷ ସୁଦ୍ଧା କରିବାକୁ କହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜେ.ଏସ.ଡବ୍ଲୁ. ଷ୍ଟିଲ ଲିଃ କର୍ପୋରେଟ କମ୍ୟୁନିକେସନ ଜିଏମ ବିଶ୍ୱରାଜ ଦଲଗଡେ, ସିଏସ୍ଆର ହେଡ୍ କେଦାର ନାଥ ଶର୍ମା, ସିଏସ୍ଆର ଡେପୁଟି ମ୍ୟାନେଜର ପାର୍ଥସାରଥି ବେଉରିଆ, ସିନିୟର ମ୍ୟାନେଜର ଯୁଗଳ କିଶୋର ବାରିକ, ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

—ଗଜରାଜଙ୍କ ପାଇଁ ସବୁଜ ସଂକଳ୍ପ—

# ଗଜରାଜଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ବନବାସୀ



ଭୁବନେଶ୍ୱର (ପିଏନ୍): ହାତୀ ପାଇଁ ଦିନଟିଏ। ଗଜରାଜଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୧୨ ତାରିଖଟିକୁ ବିଶ୍ୱ ହସ୍ତୀ ଦିବସ ରୂପେ ପାଳନ କରାଯାଇଥାଏ। ପରିବେଶ ସନ୍ତୁଳନରେ ହାତୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଏବେ ବିପଦରେ ଗଜରାଜ। କେତେବେଳେ ହାତୀ-ମଣିଷ ସଂଘର୍ଷ ଭିତରେ ଉଭୟଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ବିଦ୍ୟୁତ୍ ଆଘାତରେ ତ ଆଉ କେତେବେଳେ ଟ୍ରେନ୍ ଧକ୍କାରେ ତ ଆଉ କେତେବେଳେ ଶିକାରୀ ଗୁଳିରେ ଜୀବନ ଯାଉଛି। ଯଦି କ୍ରମାଗତ ଭାବରେ ଏହିପରି ପ୍ରତ୍ୟେହ ଅଘଟଣ ଘଟି ଚାଲେ ତେବେ ଖୁବ୍ କମ୍ ଦିନରେ ଆମ ରାଜ୍ୟ ଗଜଶୂନ୍ୟ ହୋଇଯିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଦିବସ ପାଳନ ଅବସରରେ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଳେଇଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନବାସୀମାନେ ହାତୀମୁଖା ପିନ୍ଧି ନିଆରା ଢଙ୍ଗରେ ଜନ ସଚେତନତାର ବାର୍ତ୍ତା ବାଣ୍ଟିବା ସହ ଗଜରାଜଙ୍କ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀ ଜନବସତି ମୁହାଁ ହେଉଛନ୍ତି। ଯଦ୍ଦ୍ୱାରା ଏମାନଙ୍କ ଜୀବନ ଅକାରଣେ ଚାଲିଯାଉଛି। ଖାଦ୍ୟ ଅଭାବ ଦୂର ପାଇଁ ଜଙ୍ଗଲରେ ସିଡ୍‌ସବଲ୍ ଅର୍ଥାତ୍ (ବିହନ ପେଣ୍ଡୁ) ମାଧ୍ୟମରେ ହାତୀର ପ୍ରିୟ ଖାଦ୍ୟ ଗଛ ସୃଷ୍ଟି ପାଇଁ ଏ ନେଇ ବନବାସୀମାନେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମାଛଧରା ବୋଟ୍‌ରୁ ଖସିପଡି ମତ୍ସ୍ୟଜୀବୀ ମୃତ

ପାରାଦୀପ (ପିଏନ୍)-ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ଏକ ମାଛଧରା ବୋଟ୍‌ରୁ ଖସିପଡି ଜନୈକ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ବିଳମ୍ବିତ ରାତିରେ ପାରାଦୀପ ମାଛଧରା ବନ୍ଦରରେ ଏକ ବୋଟ୍ ଲୋକନାଥ-୩ ବୋଟ୍‌ରେ ନିଜ କାମ ସାରି ଶୋଇବାକୁ ଯାଇଥିଲେ ଭଦ୍ରକ ଜିଲ୍ଲା ଧାମରା ନିକଟସ୍ଥ ବାଂଶଗଡା ଗ୍ରାମର ମଥୁରା ମାଝୀଙ୍କ ପୁଅ ମହେଶ୍ୱର ମାଝୀ। ଅସାବଧାନତା ଯୋଗୁଁ ମହେଶ୍ୱର ତଳକୁ ଖସି ପଡିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀମାନେ ବହୁ ଖୋଜାଖୋଜି କରିବା ପରେ ବି ମହେଶ୍ୱରଙ୍କର କୌଣସି ସନ୍ଧାନ ମିଳି ନଥିଲା। ଖବରପାଇ ଓଡ୍ରାଫ ଟିମ୍ ମାଛଧରା ବନ୍ଦରରେ ପହଂଚି ଖୋଜାଖୋଜି କରିଥିଲେ। ବହୁ ସମୟ ଖୋଜାଖୋଜି କରିବା ପରେ ମହେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତ ମହେଶ୍ୱର ଲୋକନାଥ-୩ ବୋଟ୍‌ରେ କାମ କରୁଥିଲେ। ପାରାଦୀପ ମେରାଇନ୍ ପୋଲିସ୍ ଶବ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

# ଗଂଜେଇ ଚୋରା ବ୍ୟବସାୟ କରୁଥିବା ଅଭିଯୋଗରେ ବ୍ୟବସାୟୀ ଗିରଫ

ପାରାଦୀପ (ପିଏନ୍)-ପାରାଦୀପ ମଧୁବନ ଅଂଚଳରେ ଚୋରା ଗଂଜେଇ ବ୍ୟବସାୟ କରୁଥିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରୁ ଦୁଇ କିଲୋ ଚାରିଶ ଗ୍ରାମ ମେରିଜୁଆନ୍ (ଗଂଜେଇ) ଜବତ କରିଛି। ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନଲରା ଗ୍ରାମର ରାଜକିଶୋର ପାତ୍ରଙ୍କ ପୁଅ ବାପି ଓରଫ ବାପିନା ପାତ୍ର (୩୮) ପାରାଦୀପ ମଧୁବନ କେବିନ୍ ମାର୍କେଟ୍ ସବଷ୍ଟେସନ୍ ନୂଆ ରାସ୍ତାରେ ଗଂଜେଇ ବ୍ୟବସାୟ କରୁଥିବା ଖବର ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ୍ ସେଠାରେ ପହଂଚି ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ୨.୪୦୦ ଗ୍ରାମ୍ ଚୋରା ଗଂଜେଇ ଜବତ କରିଥିଲା। ପରେ ପାରାଦୀପ ପୋଲିସ୍ ପକ୍ଷରୁ ୨୪୦/୨୨ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ।

# ସକାରାତ୍ମକ ଶ୍ରମ ହିଁ ସଫଳତା ଆଣି ଦେଇଥାଏ



ଫୁଲନଖରା (ପିଏନ୍)-କଟକ ସଦର ପ୍ରେସ କ୍ଲବ ତରଫରୁ ମାଟ୍ରିକ ପରୀକ୍ଷାରେ ସ୍ଥାନୀୟ ଅଞ୍ଚଳର ହାଇସ୍କୁଲ ଟପରମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ପ୍ରତାପନଗରୀ ସ୍ଥିତ ଧାକୁଲେଇ ମଣ୍ଡପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରି ସମ୍ପୃକ୍ତ ଅଞ୍ଚଳର କୃତୀ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରି ଶିକ୍ଷାର ବିକାଶ କରିବା ଆମ ଲକ୍ଷ୍ୟବୋଲି ମତ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଚାରକ ପଣ୍ଡିତ ଡଃ. କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସର୍ବଦା ସକାରାତ୍ମକ ମନୋବୃତ୍ତି ନେଇ କାର୍ଯ୍ୟ ତଥା ପାଠ ପଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଲେଖିକା ତଥା ସ୍ତମ୍ଭକାର ଛନ୍ଦା ମିଶ୍ର ମୁଖ୍ୟବକ୍ତାଭାବେ ଅଂଶଗ୍ରହଣ କରି ଉଲ୍‌କା ପିଣ୍ଡ ପରି କ୍ଷଣସ୍ଥାୟୀ ପରିବର୍ତ୍ତେ ଧ୍ରୁବ ତାରା ପରି ସ୍ଥିର ଓ ଜାଜ୍ୱଲ୍ୟମାନ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଆଧ୍ୟାତ୍ମିକ ପ୍ରବକ୍ତା ତଥା ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ, ପଣ୍ଡିତ ଅଜୟକୁମାର ପତି ଓ ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ଲଳିତକୁମାର ଦାଶ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ରହି ଉପସ୍ଥିତ ସମସ୍ତ ସଫଳ ବିଦ୍ୟାର୍ଥୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବେଦପାଠ ହୋଇଥିଲା। କାନନବିହାରୀ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ରମେଶଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡଃ. ଶରତକୁମାର ରଥ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସହ-ସମ୍ପାଦକ ବାଦଲକୁମାର ଜେନା, ପ୍ରଧାନଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ଓ ଇଂ. ପ୍ରକାଶକୁମାର ସେଠୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷାବିତ୍ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ଟି ହାଇସ୍କୁଲର ମାଟ୍ରିକ ଟପରମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଗଜେନ୍ଦ୍ରନାଥ ଦାସ, ସତ୍ୟରଂଜନ ଦାସମହାପାତ୍ର, ଅମିତ କୁମାର ପରିଜା, ରାକେଶ କୁମାର ହୋତା, ଭବାନୀଶଙ୍କର ପାତ୍ର ଓ ଅଜୟ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରାଜକିଶୋର ବେହେରା, ଧିରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ ଓ ଅଜୟ କୁମାର ପାତ୍ର ସହଯୋଗ କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ

ଭୁବନେଶ୍ୱର , (ପି.ଏନ): ରାଜ୍ୟସ୍ତରୀୟ ହେମାନନ୍ଦ ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ଗୁରୁବାର ଜୟଦେବ ଭବନ, ଭୁବନେଶ୍ୱର ଠାରେ ସଂସଦର ସଭାପତି ଜୟଦେବା ଜେନାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ ହୋଇଯାଇଛି। ପ୍ରଥମେ ଉପସ୍ଥିତ ନେତୃବୃନ୍ଦ ହେମାନନ୍ଦ ବିଶ୍ୱାଳଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜୟଦେବା ଜେନା କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ଓଡ଼ିଶାର ରାଜନୀତି ଓ ସମାଜ ସେବା କ୍ଷେତ୍ରରେ ଗତ ଅର୍ଦ୍ଧଶତାବ୍ଦୀର ଅଗ୍ରଣୀ ନାୟକ ଥିଲେ। ଠାକୁରପଡ଼ା ପଂଚାୟତରୁ ଦିଲ୍ଲୀ ରାଜଧାନୀ ପର୍ଯ୍ୟନ୍ତ ସ୍ୱର୍ଗତ ବିଶ୍ୱାଳଙ୍କର ଦୀର୍ଘ ଜୀବନ ଯାତ୍ରା ଘଟଣା ବହୁଳଥିଲା। ସେ କେବଳ ସମାଜ ସେବା କରିବାପାଇଁ ସ୍ୱପ୍ନ ଦେଖିଥିଲେ। ମାତ୍ର ସାଧାରଣ ଜନତାଙ୍କ ଆଶୀର୍ବାଦ ଓ ସ୍ନେହ ଯୋଗୁଁ ସେ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସାଂସଦ ଓ ପ୍ରଦେଶ କଂଗ୍ରେସର ସଭାପତି ପଦରେ ଆସୀନ ହୋଇପାରିଥିଲେ। ତାଙ୍କପରି ଜଣେ ସରଳ, ନିରାଡମ୍ବର, ବନ୍ଧୁବତ୍ସଳ ରାଜନେତା ଆଜିର ଦିନରେ ବିରଳ। ଦଳିତ, ଆଦିବାସୀ, ପଛୁଆବର୍ଗ, ଉପେକ୍ଷିତ, ଅତ୍ୟାଚାରିତ, ଲୁଣ୍ଠିତ ଓ ନିପୀଡ଼ିତ ଜନତାର ସ୍ୱରଥିଲେ ହେମାମନ୍ଦ ବିଶ୍ୱାଳ। ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ଓଡ଼ିଶା କଂଗ୍ରେସର ଅମୂଲ୍ୟ ରତ୍ନଥିଲେ। ସ୍ୱର୍ଗତ ରାଜୀବ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ସ୍ୱର୍ଗତ ବିଶ୍ୱାଳଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ। ସାଧାରଣ ଜନତାଙ୍କ ପାଖରେ ହେମାନନ୍ଦ ବିଶ୍ୱାଳଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ନିଜକୁ କେବେ ଜଣେ ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବେ ଭାବୁ ନଥିଲେ। ସେ ନିଜକୁ ସାଧାରଣ ଜନତାର ସେବକ ଭାବରେ ଗ୍ରହଣ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ସମାଜର ଅବହେଳିତ ବର୍ଗର ଜନତାଙ୍କର ଶାଣିତ ସ୍ୱର।ବରିଷ୍ଠ ସାମ୍ବାଦିକ ରବିଦାସ କହିଥିଲେ ଯେ ୧୯୯୫ରେ କଂଗ୍ରେସର ପ୍ରତ୍ୟାବର୍ତ୍ତନ ପଛରେ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଭାବ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ରହିଥିଲେ। କେବଳ ହେମାନନ୍ଦ ବିଶ୍ୱାଳଙ୍କ ଉପରେ ଆସ୍ଥା ପ୍ରକଟ କରି ଓଡ଼ିଶାର ଦଳିତ ଆଦିବାସୀ ଓ ପଛୁଆବର୍ଗ କଂଗ୍ରେସକୁ ସମର୍ଥନ କରୁଥିଲେ। ହେମାନନ୍ଦ ବିଶ୍ୱାଳ ସାମାଜିକ ଆନ୍ଦୋଳନର ମୁଖ୍ୟ ପୋରଧା ଥିଲେ। ଗାନ୍ଧୀବାଦ ଓ ଆମ୍ବେଦକରଙ୍କ ଆନ୍ଦୋଳନକୁ ସମାଜରେ ତୃଣମୁଳସ୍ତରରେ କ୍ରିୟାଶୀଳ ରଖିବାକୁ ସେ ଉଦ୍ୟମ ଜାରି ରଖିଥିଲେ। ପ୍ରସାଦ ହରିଚନ୍ଦନ କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ନୂତନ ପ୍ରତିଭାକୁ ପ୍ରତିଷ୍ଠିତ ହେବାପାଇଁ ସୁଯୋଗ ଦେଉଥିଲେ। ସେଥିଲେ ଏକ ନିଷ୍କଳଙ୍କ, ନିଷ୍ପାପର ଓ କର୍ମନିଷ୍ଠ ନେତୃତ୍ୱ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ଥିଲେ ଓଡ଼ିଶାରେ ସାମାଜିକ ଆନ୍ଦୋଳନର କ୍ୟାପଟେନ। ଶାସନ କ୍ଷେତ୍ରରେ ସ୍ୱଚ୍ଛତା, ନିରପେକ୍ଷତା ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ। କ୍ଷମତାରେ ଅନ୍ଧ ହେବାଭଳି ଲୋକ ସେ ନଥିଲେ। କ୍ଷମତାର କର୍ଦ୍ଦମରୁ ସେ ମୁକ୍ତଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ସୁଲତା ଦେଓ, ଶିବାନନ୍ଦ ରାୟ, ଚିରଞ୍ଜିବ ବିଶ୍ୱାଳ, ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀ, ଭଜମନ ବେହେରା, ଜନାର୍ଦ୍ଦନ ପତି, ରବି ବେହେରା, ମହମ୍ମଦ ମୋକିମ, ମନୋରଞ୍ଜନ ତ୍ରିପାଠୀ, ବଜେନ୍ଦ୍ର ମଲ୍ଲିକ, ପ୍ରଶନ୍ନ ମହାନ୍ତି, ଟେଲିନା ପ୍ରଧାନ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କର କୀର୍ତି ଓ କୃର୍ତି, ଜୀବନ ଦର୍ଶନ, ସଂଘର୍ଷ, ବ୍ୟକ୍ତିତ୍ୱର ମୂଲ୍ୟାୟନ କରିଥିଲେ।

## ଆନ୍ତର୍ଜାତିକ ମହିଳା ଦିବସ, ମହିଳା ମାନଙ୍କ ସୁରକ୍ଷା ନେଇ ଆଲୋଚନା ଚକ୍ର

ଖୋର୍ଦ୍ଧା, (ପି.ଏନ): ସ୍ଥାନୀୟ ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଉତ୍କଳ ସାମ୍ବାଦିକ ସଙ୍ଘ ଓ ତାଲୁକ ଲିଗାଲ ସର୍ଭିସେସ କମିଟି ଖୋର୍ଦ୍ଧା ପକ୍ଷରୁ ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁରେନ୍ଦ୍ରନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀକ ମହିଳା ଦିବସ ଅବସରରେ ଆଜି ମହିଳା ମାନଙ୍କ ସୁରକ୍ଷା ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଜିର ସମାଜରେ ମହିଳା ମାନେ କିଭଳି ନିଜକୁ ସୁରକ୍ଷିତ ରଖିବା। ଏପରିକି ମହିଳା ମାନଙ୍କ ପାଇଁ ଯେଉଁ ଆଇନ ରହିଛି ତାହାକୁ କିପରି ସଦୁପଯୋଗ କରିପାରିବେ ଓ ସମ୍ମାନ ସହକାରେ ସମାଜରେ ଚଳିପାରିବେ ସେନେଇ ଆଲୋଚନା କରାଯାଇଥିଲା।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଷ୍ଟେସନ୍ ପୁନଃ ବିକାଶ ପ୍ରଗତିର ସମୀକ୍ଷା

ଭୁବନେଶ୍ୱର , (ପି.ଏନ): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ଆଜି ରେଳପଥର ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନ ଠାରେ ରେଳ ଷ୍ଟେସନ ଗୁଡିକର ପୁନଃ ବିକାଶର ଅଗ୍ରଗତି ସମୀକ୍ଷା କରିଛନ୍ତି ।ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାରେ ଚାଲୁରହିଥିବା ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟ ସହିତ ଏହି ଅଂଚଳର ରେଳ ଭିତିଭୂମି ବିକାଶ ପାଇଁ ପ୍ରାଥମିକତା ଦେଇଆସୁଛନ୍ତି ଏବଂ ବିକାଶମୂଳକ କାର୍ଯ୍ୟ ଉପରେ ମଧ ନିରନ୍ତର ନଜର ରଖିଛନ୍ତିଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ଶର୍ମା ରେଳପଥ ପରିସୀମା ମଧ୍ୟରେ ଥିବା ଷ୍ଟେସନ ଯଥା ଭୁବନେଶ୍ୱର, ଭୁବନେଶ୍ୱର ନୂଆ, ପୁରୀ, କଟକ ଷ୍ଟେସନର ପୁନଃ ବିକାଶର ଅଗ୍ରଗତି ସମୀକ୍ଷା କରିଛନ୍ତି। ଚାଲୁରହିଥିବା ରେଳ ଭିତିଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଷ୍ଟେସନଗୁଡିକର ସାମଗ୍ରିକ ସୌନ୍ଦର୍ଯ୍ୟକରଣରେ ଉନ୍ନତି ଆଣିବା ଏବଂ ପ୍ରକଳ୍ପର ଶୀଘ୍ର ସମାପ୍ତି ପାଇଁ ଧ୍ୟାନ ଦେବାକୁ ଶ୍ରୀ ଶର୍ମା ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।ଜନସାଧାରଣ କୈନ୍ଦ୍ରିକ ରେଳ ପ୍ରକଳ୍ପର ନିର୍ମାଣ ସମୟରେ ଉପୁଜୁଥିବା ବାଧାକୁ ଏଡ଼ାଇବାପାଇଁ ତୃଣମୂଳ ସ୍ତରରୁ ପ୍ରସଙ୍ଗ ଗୁଡିକର ସମାଧାନ କରିବା ପାଇଁ ସମସ୍ତ ସହଭାଗୀ ମାନଙ୍କ ସହିତ ସଠିକ୍ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀ ଶର୍ମା ଅଧିକାରୀମାନଙ୍କୁ ପରାମର୍ଶ ଦେଉଥିବାବେଳେ ଲକ୍ଷ୍ୟ ଧାର୍ଯ୍ୟ କାର୍ଯ୍ୟଗୁଡିକୁ ସଠିକ ସମୟରେ ପୂର୍ଣ୍ଣ କରିବାକୁ ଅଧିକ ଗୁରୁତ୍ୱାରୋପ କରିଥିଲେ ।ପୁରୀ ଷ୍ଟେସନର ପୁନଃ ନିର୍ମାଣ ପାଇଁ ମୂଳଦୁଆ ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଭୁବନେଶ୍ୱର ଷ୍ଟେସନ ପୁନଃ ବିକାଶ କାର୍ଯ୍ୟ ପାଇଁ ଦୋକାନ, ଅନୁସନ୍ଧାନ କାଉଂଟର ସ୍ଥାନାନ୍ତର କାର୍ଯ୍ୟ ଶେଷ ହୋଇଛି। ସେହିଭଳି କଟକ ରେଳ ଷ୍ଟେସନରପୁନଃ ନିର୍ମାଣ ପାଇଁ ମୃତିକା ଅନୁସନ୍ଧାନ/ପରୀକ୍ଷା ଚାଲୁରହିଛି।

# ନବ ଦାସ ହତ୍ୟାକାଣ୍ଡ ପଛରେ ୨ ଜଣ ଓଡ଼ିଆ ଅଫିସର : ବିଜୟ ମହାପାତ୍ର

ଭୁବନେଶ୍ୱର , (ପି.ଏନ): ନବ ଦାସ ହତ୍ୟାକାଣ୍ଡର ୨ ଅଣ ଓଡ଼ିଆ ଅଫିସର ମୁଖ୍ୟ ନାୟକ। ସେମାନଙ୍କ ମଧ୍ୟରୁ ଜଣେ ଆଇଏଏସ୍ ଓ ଜଣେ ଆଇପିଏସ୍ ଅଫିସର। ସେମାନେ ଏହି ଘଟଣାର ପ୍ରକୃତ ତଦନ୍ତ ଚାହୁଁ ନାହାନ୍ତି। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ମାମଲାରେ ୧୨୦ (ବି) ଦଫା ଲଗାଯାଇ ନାହିଁ। ଏହା ଓଡ଼ିଶାରେ ଏକ ଭୟଙ୍କର ଅଧ୍ୟାୟ ସୃଷ୍ଟି କରିବ ବୋଲି ଅଭିଯୋଗ କରିଛନ୍ତି ବିଜେପି ନେତା ବିଜୟ ମହାପାତ୍ର ।ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ନବ ଦାସ ହତ୍ୟାକାଣ୍ଡ ୪୦ ଦିନରେ ପହଂଚିଲାଣି। ହେଲେ ମୃତ୍ୟୁ ପଛର ରହସ୍ୟ କ'ଣ ସେ ନେଇ କ୍ରାଇମବ୍ରାଂଚ ପାଖରେ କିଛି ବି ସୁରାଗ ନାହିଁ। ଏହାକୁ ମାମୁଲି ଭାବେ ନିଆଯାଉଛି। ଏହାର ତଦନ୍ତକୁ ଜଲଦି ଶେଷ ପର୍ଯ୍ୟାୟରେ ପହଂଚାଇବାକୁ ଷଡ଼ଯନ୍ତ୍ର ଚାଲିଛି ।ସେହିପରି ଏହି ଘଟଣାର ତଦନ୍ତ ଭାର ଏଫବିଆଇକୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖିଥିଲେ। ଏଫବିଆଇ ତଦନ୍ତର ଅଗ୍ରଗତି କେତେ ବାଟ ହେଲା ସେ ନେଇ ଆଉ କିଛି ବିବୃତି ଦିଆଯାଉନି। ରାଜ୍ୟରେ ବହୁ ଦକ୍ଷ ଓ ଅଭିଜ୍ଞ ପୁଲିସ୍ ଅଫିସର ଅଛନ୍ତି। ହେଲେ ଅଭିଜ୍ଞ ଓ ଦକ୍ଷ ଅଫିସରଙ୍କ ସାହାଯ୍ୟ ନ ନେଇ ଏକଚାଟିଆ ଭାବେ ଏହାର ତଦନ୍ତ କରାଯାଉଛି। ଜାଣିଶୁଣି ଏହି ଘଟଣାକୁ ଚପାଇ ଦିଆଯାଇଛି ବୋଲି କହିଛନ୍ତି ବିଜୟ ମହାପାତ୍ର ।ଏଥିସହ ସହ କହିଛନ୍ତି, ନବ ଦାସ ମର୍ଡର କେସ୍ ର ତଦନ୍ତ ଗୋପାଳ କେନ୍ଦ୍ରିକ ହେଉଥିବା ବେଳେ ଅନ୍ୟ ଦିଗକୁ କ୍ରାଇମବ୍ରାଂଚ ଗୁରୁତ୍ୱ ଦେଉନି। ଗୋପାଳକୁ ପାଗଳ ଆଖ୍ୟା ଦେବାକୁ କ୍ରାଇମବ୍ରାଂଚ ତଥା ରାଜ୍ୟ ସରକାର ଖୁବ୍ ବ୍ୟଗ୍ର। ହେଲେ ସେ କେଉଁଠି ମାନସିକ ରୋଗରୁ ଚିକିତ୍ସା ହେଉଥିବା ନଜର ନାହିଁ। ମେଡିକାଲ ବୋର୍ଡ ରିପୋର୍ଟରେ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ କୋର୍ଟ ବି ସେଥିରେ ମୋହର ମାରିଛନ୍ତି ।ଏଥିରେ କିଛି ବଡ଼ ବଡ଼ିଆ ଲୋକେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଯେଉଁମାନେ ଏହି ଘଟଣାର ପ୍ଲାନ କରିଥିଲେ, ଦି ତିନି ଦିନ ପୂର୍ବରୁ ଗୋପାଳ କେଉଁଠି ଚଳପ୍ରଚଳ କରୁଥିଲା, ରାତି କାଟୁଥିଲା ତାହାର ତଦନ୍ତ କରାଗଲାନି ବୋଲି କହି ବର୍ଷିଛନ୍ତି ବିଜୟ ମହାପାତ୍ର ।ଜଣେ ମନ୍ତ୍ରୀଙ୍କୁ ପୁଲିସ୍ ଗୁଳି କରିବା ସମଗ୍ର ଭାରତ ବର୍ଷରେ ପ୍ରଥମ ହୋଇଥିବା ବେଳେ ପୁଲିସ୍ ଇତିହାସରେ ଏହା ଏକ କଳଙ୍କିତ ଅଧ୍ୟାୟ ହୋଇ ରହିଯିବ। ଜଷ୍ଟିସ ଦାସ ଘଟଣାର ସୁପରଭାଇଜ କରିବେ ବୋଲି କୁହାଗଲା। ମାତ୍ର ସେ କେବେ ସୁପରଭାଇଜ କଲେ ଓ କ'ଣ କଲେ ତାହା କାହାକୁ ଜଣାପଡ଼ିଲାନି ।ଦୀପାଳି ଦାସ ତଦନ୍ତରେ ସନ୍ତୁଷ୍ଟ ଥିବା ନେଇ ବିଜୟ ମହାପାତ୍ର କହିଛନ୍ତି, ଏହା କେବଳ ଦୀପାଳିଙ୍କ କେସ୍ ନୁହେଁ, ଏହା ସମ୍ପୂର୍ଣ୍ଣ ଓଡ଼ିଶାବାସୀଙ୍କ କେସ୍। ସତ ପଦାକୁ ଆସୁ ବୋଲି ଦିପାଳୀଙ୍କର ବି ଇଚ୍ଛା ଥିବ।

# ଭାରତୀୟ ଅର୍ଥବ୍ୟବସ୍ଥାକୁ ନେଇ ଉଦ୍ଦେଶ୍ୟମୂଳକ, ପକ୍ଷପାତିତାପୂର୍ଣ୍ଣ ଏବଂ ଅପରିପକ୍ୱ ଆଶଙ୍କା କରାଯାଉଛି : ଏସବିଆଇ ରିପୋର୍ଟ

ନୂଆଦିଲ୍ଲୀ, (ପି.ଏନ): ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ଓ ବିକାଶକୁ ନେଇ ବ୍ୟକ୍ତ କରାଯାଉଥିବା ଆଶଙ୍କା ଉଦ୍ଦେଶ୍ୟମୂଳକ, ପକ୍ଷପାତିତାପୂର୍ଣ୍ଣ ଏବଂ ଅପରିପକ୍ୱ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଇକୋରାପ୍ ରିପୋର୍ଟରେ କୁହାଯାଇଛି । ସଦ୍ୟ ସମାପ୍ତ ହୋଇଥିବା ତ୍ରୈମାସର ଜିଡିପି ହାରକୁ ଆଧାର କରି ଏବଂ ସଞ୍ଚୟ ଓ ନିବେଶ ଉପରେ ରହିଥିବା ତଥ୍ୟକୁ ଅଣଦେଖା କରି ଭାରତର ବାସ୍ତବ ବିକାଶ ହାରକୁ ନେଇ ନିର୍ଣ୍ଣାୟକ ମତପ୍ରକାଶ କରାଯିବା ଅମୂଳକ ବୋଲି ଏସବିଆଇ ରିପୋର୍ଟରେ କୁହାଯାଇଛି । ଏସବିଆଇ ରିପୋର୍ଟରେ କୁହାଯାଇଛି ଯେ, ନିକଟରେ ଶେଷ ହୋଇଥିବା ତ୍ରୈମାସର ଜିଡିପି ଅଭିବୃଦ୍ଧି ପରିସଂଖ୍ୟାନକୁ ଆଧାର କରି ଭାରତର ବିକାଶ ହାରକୁ ୧୯୮୦ ଦଶକ ପୂର୍ବର ରାଜକ୍ରିଷ୍ଣାଙ୍କ ପରିଭାଷିତ ଅଭିବୃଦ୍ଧି ହାର ସହିତ ତୁଳନା କରିବାର କୌଣସି ଆଧାର ନାହିଁ । ତ୍ରୈମାସିକ ଅଭିବୃଦ୍ଧି ସଂଖ୍ୟା ଅସ୍ୱଷ୍ଟ ହୋଇପାରେ ଏବଂ ଏହାକୁ ଆଧାର କରି ଦେଶର ସାମଗ୍ରିକ ଅଭିବୃଦ୍ଧିକୁ ବ୍ୟାଖ୍ୟା କରିବା ଅନୁଚିତ୍ । ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଗତ ତିନି ବର୍ଷ ମଧ୍ୟରେ ଭାରତର ହାରାହାରି ଜିଡିପିରେ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ଅଭିବୃଦ୍ଧି ଦେଖିବାକୁ ମିଳିଛି । ସଞ୍ଚୟ ଓ ନିବେଶ କ୍ଷେତ୍ରରେ ମିଳିଥିବା ତଥ୍ୟ ଏହାକୁ ପ୍ରମାଣିତ କରୁଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।ଏସବିଆଇ ଗ୍ରୁପର ମୁଖ୍ୟ ଆର୍ଥିକ ପରାମର୍ଶଦାତା ଡକ୍ଟର ସୌମ୍ୟ କାନ୍ତି ଘୋଷ ପ୍ରସ୍ତୁତ କରିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ବିଗତ ଦଶନ୍ଧିରେ ନିବେଶ ଓ ସଞ୍ଚୟ ତଥ୍ୟକୁ ଅନୁଶୀଳନ କଲେ ଏହି କ୍ଷେତ୍ରରେ ସକାରାତ୍ମକ ଅଭିବୃଦ୍ଧି ଦେଖିବାକୁ ମିଳିଛି । ୨୦୨୦-୨୧ରେ ସକଳ ପୁଞ୍ଜି ସୃଷ୍ଟି (ଜିସିଏଫ) ହାର ୧୦.୭% ଥିବା ବେଳେ ୨୦୨୧-୨୨ରେ ଏହା ୧୧.୮%କୁ ବୃଦ୍ଧି ପାଇଛି । ସମାନ ଅବଧିରେ ଘରୋଇ କ୍ଷେତ୍ରର ପୁଞ୍ଜି ନିବେଶ ପରିମାଣ ୧୦%ରୁ ୧୦.୮%କୁ ବଢ଼ିଛି । ବାସ୍ତବରେ, ଜିସିଏଫ ଠାରୁ ଆରମ୍ଭ କରି ସକଳ ଉତ୍ପାଦନ ଅନୁପାତ କିମ୍ବା ନୂଆ କ୍ଷମତା ସୃଷ୍ଟି ପାଇଁ ପାଣ୍ଠିର ପୁନଃନିବେଶର ତଥ୍ୟକୁ ଅନୁଧାନ କଲେ ୨୦୨୧-୨୨ରେ ସାର୍ବଜନୀନ ପ୍ରଶାସନ ଲାଗି ଏହି ଅନୁପାତ ନୂଆ ଶୀର୍ଷକୁ ଛୁଇଁଥିବା ଦେଖାଯାଇଛି । ବିଗତ କିଛି ବର୍ଷର ବଜେଟରେ ପୁଞ୍ଜି ବିନିଯୋଗ ଉପରେ ବିଶେଷ ଗୁରୁତ୍ୱାରୋପ କରାଯିବା କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ସାମଗ୍ରିକ ସ୍ତରରେ ଦେଖିଲେ, ସକଳ ପୁଞ୍ଜି ସୃଷ୍ଟି ପରିମାଣ ୨୦୨୨-୨୩ ଆର୍ଥିକ ବର୍ଷରେ ୩୨% ଅତିକ୍ରମ କରିଯାଇଛି ଯାହାକି ୨୦୧୮-୧୯ ପରେ ସର୍ବୋଚ୍ଚ ସ୍ତର ।ସକଳ ସଞ୍ଚୟ ପରିମାଣ ୨୦୨୦-୨୧ରେ ୨୯% ଥିବା ବେଳେ ୨୦୨୧-୨୨ରେ ୩୦%କୁ ବୃଦ୍ଧି ପାଇଛି । ଏହି ପରିମାଣ ୨୦୨୨-୨୩ରେ ୩୧% ଟପିଯିବ ବୋଲି ଅନୁମାନ କରାଯାଉଛି, ଯାହାକି ୨୦୧୮-୧୯ ଠାରୁ ସର୍ବୋଚ୍ଚ । ଜମା ବା ଡିପୋଜିଟ ଭଳି ଆର୍ଥିକ ସଞ୍ଚୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିବା କାରଣରୁ ମହାମାରୀ ଅବଧି ସମୟରେ ଘରୋଇ ସଞ୍ଚୟ ମଧ ବଢ଼ିଛି । ଅନ୍ୟପଟେ ଘରୋଇ ଆର୍ଥିକ ସଞ୍ଚୟ ପରିମାଣ ୨୦୨୦-୨୧ରେ ୧୫.୪% ଥିବା ବେଳେ ୨୦୨୨-୨୩ରେ ଏହା ୧୧.୧%କୁ କମିଛି । ତେବେ ଭୌତିକ ସମ୍ପତ୍ତି କ୍ଷେତ୍ରରେ ସଞ୍ଚୟ ୨୦୨୦-୨୧ରେ ୧୦.୭% ଥିବା ବେଳେ ୨୦୨୧-୨୨ରେ ୧୧.୮%କୁ ବୃଦ୍ଧି ପାଇଛି ।ପ୍ରାଥମିକ ଦୃଷ୍ଟିରୁ, ଏକ ସତର୍କତା ପୂର୍ବକ ବିଶ୍ଲେଷଣରୁ ଏହା ଜଣାପଡ଼ିଥାଏ ଯେ ଉତ୍ପାଦନର ଅତିରିକ୍ତ ୟୁନିଟକୁ ଜାଣିବା ଲାଗି ଆବଶ୍ୟକ ହେଉଥିବା ଅତିରିକ୍ତ ପୁଞ୍ଜି (ନିବେଶ)ର ୟୁନିଟକୁ ମାପୁଥିବା ଇନକ୍ରିମେଣ୍ଟାଲ କ୍ୟାପିଟାଲ ଆଉଟପୁଟ ରେସିଓ (ଆଇସିଓଆର) ବା ବର୍ଦ୍ଧିତ ପୁଞ୍ଜି ଉତ୍ପାଦନ ଅନୁପାତରେ ସୁଧାର ଦେଖିବାକୁ ମିଳିଛି । ୨୦୧୨ ଆର୍ଥିକ ବର୍ଷରେ ଆଇସିଓଆର ୭.୫ ପ୍ରତିଶତ ଥିବା ବେଳେ ୨୦୨୨ରେ ଏଥିରେ ସୁଧାର ଆସି ୩.୫ ପ୍ରତିଶତରେ ପହଞ୍ଚିଛି । ସ୍ପଷ୍ଟ ଭାବେ ଦେଖିଲେ, ପରବର୍ତ୍ତୀ ଆଉଟପୁଟ ୟୁନିଟ୍ ପାଇଁ ଏବେ ପୁଞ୍ଜିର ମାତ୍ର ଅଧା ଭାଗ ଆବଶ୍ୟକ ହେଉଛି ।ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆଇଓସିଆର ହ୍ରାସ ପାଇବା ପୁଞ୍ଜି ଦକ୍ଷତାରେ ଅପେକ୍ଷାକୃତ ବୃଦ୍ଧିକୁ ଦର୍ଶାଉଛି । ଆଇଓସିଆରକୁ ଅନୁଶୀଳନ କଲେ ଦେଶର ଅର୍ଥବ୍ୟବସ୍ଥା ଦୃଢ଼ ସ୍ଥିତିରେ ରହିଥିବା ସ୍ପଷ୍ଟ ହୋଇଥାଏ । ଶେଷରେ ଏସବିଆଇ ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ଅର୍ଥବ୍ୟବସ୍ଥାର ସମ୍ଭାବ୍ୟ ଅଭିବୃଦ୍ଧି ହାର ପୂର୍ବାପେକ୍ଷା ସାମାନ୍ୟ କମ ଥିଲେ ମଧ ବୈଶ୍ୱିକ ସ୍ଥିତି କାରଣରୁ ଏପରି ହୋଇଛି । ଏହି ଦୃଷ୍ଟିରୁ ଭବିଷ୍ୟତରେ ୭% ଜିଡିପି ହାରକୁ ଯେକୌଣସି ମାପଦଣ୍ଡ ଆଧାରରେ ଏକ ଉଚିତ ଅଭିବୃଦ୍ଧି ବୋଲି ଗ୍ରହଣ କରାଯିବା ଉଚିତ୍ ବୋଲି ରିପୋର୍ଟରେ କୁହାଯାଇଛି।

# ରେଳପଥର ପ୍ରେରଣାପ୍ରଦ ମହିଳାଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର ,(ପି.ଏନ): ରେଳ ଅଡିଟୋରିୟମ ଠାରେ ପୂର୍ବତଟ ରେଳପଥ ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୩ ପାଳନ କରାଯାଇଥିଲା । ଏହି ଅବସରରେ ଯୋଗଦାନ କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ରେଳବାଇ ମହିଳାମାନଙ୍କୁ ସେମାନଙ୍କର କର୍ତବ୍ୟ ପାଳନ କରିବା ସମୟରେ ଆନ୍ତରିକତା ଏବଂ ନିଷ୍ଠା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ମହାପ୍ରବନ୍ଧକ ଏହି ଅବସରରେ ଦକ୍ଷ ମହିଳା କର୍ମଚାରୀଙ୍କୁ ମଧ ପ୍ରଶଂସା କରିଥିଲେ ଯେଉଁମାନେ କେବଳ ରେଳବାଇ ନୁହେଁ ଦେଶ ପାଇଁ ମଧ ଗୌରବ ଆଣିପାରିଛନ୍ତି। ଶ୍ରୀ ଶର୍ମା ଆହୁରି କହିଛନ୍ତି ଯେ, ଆମର ମୂଲ୍ୟବାନ ଯାତ୍ରୀମାନଙ୍କ ସୁରକ୍ଷା ଏବଂ ନିରାପତା ପାଇଁ କଠିନ ପରିଶ୍ରମ କରୁଥିବା ଆମର ମହିଳା ଲୋକୋ ପାଇଲଟ, ଆସିଷ୍ଟାଂଟ ଲୋକୋ ପାଇଲଟ, ଗାର୍ଡ, ଟ୍ରାକମ୍ୟାନ୍ ଙ୍କ ସହିତ ସାଙ୍କେତିକ ଓ ଦୂରସଂଚାର ମହିଳା କର୍ମଚାରୀ, ସ୍ୱାସ୍ଥ୍ୟ କ୍ଷେତ୍ରରେ କର୍ତବ୍ୟରତ ମହିଳ କର୍ମଚାରୀ ଓ ରେଳବାଇ ସୁରକ୍ଷା ବଳ ମହିଳା କର୍ମଚାରୀମାନେ ମଧ ଏହି ରେଳବାଇକୁ ସର୍ବୋଚ୍ଚ ସ୍ତରକୁ ଆଣିବା ପାଇଁ କଠିନ ପରିଶ୍ରମ କରୁଛନ୍ତି ।ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୩ ଅବସରରେ ଉପସ୍ଥିତ ରେଳବାଇ ମହିଳା କର୍ମଚାରୀ ଓ ସେମାନଙ୍କର ପରିବାର ବର୍ଗଙ୍କୁ ସମ୍ବୋଧିତ କରି ଇକୋରୋ ସଭାପତି ଶ୍ରୀମତୀ ଦିବ୍ୟା ଶର୍ମା କହିଛନ୍ତି ଯେ ମହିଳାମାନେ ପ୍ରଗତିର ପ୍ରତୀକ। ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟର ବରିଷ୍ଠ ପରାମର୍ଶଦାତା ଡଃ ଶ୍ରୀମତୀ ଅରୁନ୍ଧତୀ ସେନାପତି କହିଛନ୍ତି ଯେ ବିପ୍ୱାତ ଓ ମହାମାରୀ ସମୟରେ ରେଳପଥ ମହିଳା କର୍ମଚାରୀମାନଙ୍କ ଉଲ୍ଲେଖନୀୟ ଓ ଉତ୍ସର୍ଗୀକୃତ ସେବା ଅତି ପ୍ରଶଂସନୀୟ । ମହାପ୍ରବନ୍ଧକ ଶ୍ରୀ ଶର୍ମା ଏବଂ ଇକୋରୋ ସଭାପତି ଶ୍ରୀମତୀ ଦିବ୍ୟା ଶର୍ମାଏହି ଅବସରରେ ୫୦ ଜଣ ରେଳବାଇ ମହିଳାଙ୍କୁ ସେମାନଙ୍କର କର୍ତବ୍ୟ ପାଳନ କରିବା ସମୟରେ ଆନ୍ତରିକତା ଏବଂ ନିଷ୍ଠାପର ସେବା ସହିତ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୩ ପାଳନ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା । ରେଳବାଇର ମହିଳା କର୍ମଚାରୀ ମାନଙ୍କ ଦ୍ୱାରା ମହିଳା ସଶକ୍ତିକରଣ ସମ୍ବନ୍ଧରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା ।

# ବିଶିଷ୍ଟ ସାହିତ୍ୟିକ 'ମହଲ' ସଂପାଦକ ବଂଶୀଧର ରାଉତଙ୍କ ପରଲୋକ

ଭୁବନେଶ୍ୱର , (ପି.ଏନ): ବିଶିଷ୍ଟ କଥାକାର, ଔପନ୍ୟାସିକ, ସଂପାଦକ ତଥା ସଂଗଠକ ବଂଶୀଧର ରାଉତଙ୍କର ଦୋଳପୂର୍ଣ୍ଣିମା ଦିନ ପରଲୋକ ଘଟିଛି । ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ, ଦୁଇ ପୁଅ, ଦୁଇ ଝିଅ ଓ ନାତି ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସାହିତ୍ୟିକ ମହଲରେ ଗଭୀର ଲୋକ ପ୍ରକାଶ ପାଇଛି । ଶ୍ରୀ ରାଉତ ୧୯୪୯ ମସିହା ସେପେଟମ୍ବର ୧୭ ତାରିଖରେ ରଣପୁର ନିକଟସ୍ଥ ଗଡ଼ବାଣିକିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷାସମାପ୍ତି ପରେ ସେ ସରକାରୀ ଚାକିରିରେ ଭର୍ତି ହୋଇଥିଲେ ଓ ଖୋର୍ଦ୍ଧା ସହରରେ ରହୁଥିଲେ। ଜଣେ ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟ ନିର୍ଦ୍ଦେଶକ ଭାବରେ ଶ୍ରୀ ରାଉତ ବିଶେଷ ସୁନାମ ଅର୍ଜନ କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବରେ ସେ ବେତାର ଓ ଦୂରଦର୍ଶନ ନିମନ୍ତେ ଏକାଧିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଇଥିଲେ। 'ନୂଆ ସକାଳ', 'ପ୍ରତିଦାନ', 'ନୂଆ ଦିଗନ୍ତ', 'ବିକାଶଧାରା', 'ଜୀବନରଙ୍ଗ' ଓ 'ସନ୍ତାନ' ଇତ୍ୟାଦି କେତେକ ଲୋକପ୍ରିୟ ଟେଲିନାଟକ ଓ ଧାରାବାହିକର ସେ ନିର୍ଦ୍ଦେଶନା ଦେଇଥିଲେ। ଉପନ୍ୟାସ ରଚନାରେ ତାଙ୍କର ବିଶେଷ ରୁଚି ରହିଥିଲା। ତାଙ୍କ ରଚିତ ପୁସ୍ତକଗୁଡିକ ମଧ୍ୟରେ ରହିଛି- 'ଗୋପନୀୟ କାହାଣୀ', 'ଲକ୍ଷ୍ମଣ ରେଖା', 'ପଶାଖେଳ', 'ହଜିଲା ଚାନ୍ଦର ମାୟା', 'ମନସମୁଦ୍ର', 'ବଣଫୁଲର ସୁରଭି', 'ଖେଳଘର', 'ଅନ୍ଧରାତିର ମୁହଁ', 'ମୁଁ ଆଶ୍ରୟ ଚାହେଁ', 'ଫୁଲବନ', 'ନିଦ୍ରିତ ଈଶ୍ୱର', 'ଜଣେ ମନ୍ତ୍ରୀ ଥିଲେ', 'ସଂପର୍କ', 'ହେ ଈଶ୍ୱର ମତେ ମୃତ୍ୟୁ ଦିଅ', 'ଜଙ୍ଗଲ ଯନ୍ତ୍ରଣା', 'ଅତୁଠ ବଣିଜ', 'ମୋହ', 'ମିଛ ମୃତ୍ୟୁ ସଂପର୍କରେ', 'କୋମଳ ଆବେଗ' ଓ 'ସେତୁବନ୍ଧ' ଇତ୍ୟାଦି । ଶ୍ରୀ ରାଉତ 'ମହଲ' ନାମରେ ଏକ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ସଂପାଦକ ଥିଲେ ଓ ନାନା ଘାତପ୍ରତିଘାତ ମଧ୍ୟରେ ସେହି ପତ୍ରିକାକୁ ପ୍ରାୟ ୨୫ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ପ୍ରକାଶ କରୁଥିଲେ । ନିଜର ସାରସ୍ୱତ ଅବଦାନ ନିମନ୍ତେ ସେ ଉତ୍କଳ ସାହିତ୍ୟ ସମାଜ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମେତ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ । ଶ୍ରୀ ରାଉତଙ୍କ ମରଶରୀର ପ୍ରଥମେ ତାଙ୍କ କର୍ମଭୂମି ଖୋର୍ଦ୍ଧାକୁ ନିଆଯାଇଥିଲା ଓ ସେଠାରେ ଅନେକ ସାହିତ୍ୟିକ ଏବଂ ସତୀର୍ଥ ତାଙ୍କର ଶେଷ ଦର୍ଶନ କରିଥିଲେ । ସେଠାରୁ ତାଙ୍କୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଥିଲା।

## ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଭୁବନେଶ୍ୱର , (ପି.ଏନ): ବୁଧବାର ଦିନ ଉଇସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୁଲ୍ୟରେ'ବନ୍ଧୁ' ୱେଲଫେୟାର ଟ୍ରଷ୍ଟ ତରଫରୁଆନ୍ତର୍ଜାତିକ ମହିଳା ଦିବସ ଭୁବନେଶ୍ୱର ବମିଖାଲସ୍ଥିତ ଜୟଦୁର୍ଗାନଗରଠାରେ ପାଳିତ ହୋଇଯାଇଛି। ଏଥିରେ ଉଇସ୍ ଅନୁଷ୍ଠାନର ଅଧକ୍ଷା ଅନୁସ୍ମୃତା ସିଂହଦେଓ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ସ୍ନାୟୁତତ୍ୱ ବିଭାଗର ପ୍ରଫେସର ଡଃ ରବିନାରାୟଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୌରାଣିକ ଯୁଗରେ ନାରୀମାନଙ୍କର ରହିଥିବା ଭୂମିକା ଆଜି ଆମକୁ କିପରି ପ୍ରେରଣା ଯୋଗାଉଛି, ସେ ସଂପର୍କରେ ଆଲୋକପାତ କରିଥିଲେ ।'ଉଇସ୍' ଅନୁଷ୍ଠାନତରଫରୁ'ବନ୍ଧୁ' ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ଦାଶ ଓ ଫଗୁ ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଶତାଧିକ ମହିଳା ଯୋଗଦାନ କରିଥିଲେ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ। ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK पर्यवेक्षक
Bhubaneswar Friday March 10, 2023 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଓଲିଉଡ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରଛାତ୍ରୀ



ଭୁବନେଶ୍ୱର: କରୋନା ମହାମାରୀ ପରେ ପ୍ରଥମ ଥର ଲାଗି ହୋଲି ପର୍ବ ମଙ୍ଗଳବାର କିସ୍‌ରେ ପାଳିତ ହୋଇଯାଇଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚିତ୍ରାଭିନେତା, ନିର୍ଦ୍ଦେଶକଙ୍କ ସହ କିସ୍ ଛାତ୍ରଛାତ୍ରୀମାନେ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା କିସ୍ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ଅବିର ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ କିସ୍ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଂଗୀତ, ସଂଳାପ ଓ ହାସ୍ୟରସରେ ପିଲାମାନଙ୍କ ମନୋରଞ୍ଜନ କରିଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସଂପାଦିକା ଡ. ଇତି ସାମନ୍ତ, କୋଲକାତାସ୍ଥିତ ସତ୍ୟଜିତ ରାୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଲ୍ ଆଣ୍ଡ ଟେଲିଭିଜନ୍‌ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ସିନେ ସମୀକ୍ଷକ ଦିଲୀପ ହାଲି, ବ୍ୟଙ୍ଗ କବି ଜ୍ଞାନ ହୋତା, ବରିଷ୍ଠ ଅଭିନେତ୍ରୀ ଅନୁ ଚୌଧୁରୀ, ଉଷସୀ ମିଶ୍ର, ହାସ୍ୟ ଅଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ (ହାଡୁ), ଦେବୁ ବ୍ରହ୍ମା, ଜୀବନ ପଣ୍ଡା, ହର ରଥ, ଗୀତିକାର ଲକ୍ଷ୍ମୀକାନ୍ତ ପାଳିତ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରକାଶ ପାଢ଼ୀ, ପ୍ରତିନନ୍ଦା ରାଉତରାୟ, ଅଭିନେତା ଆକାଶ ଆଚାର୍ଯ୍ୟ, ପ୍ରିୟବ୍ରତ ପଣ୍ଡା, ଅଭିନେତ୍ରୀ ଲିପ୍‌ସା ମିଶ୍ର, ବିଦୁସ୍ମିତା ମନ୍ତ୍ରୀ ଐଶ୍ୱର୍ଯ୍ୟା ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବା ବେଳେ ଆକାଙ୍କ୍ଷା କବି ଓ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚଳିତବର୍ଷ ପରଲୋକ ହୋଇଥିବା ଓଡ଼ିଆ ସିନେ କଳାକାର, ବୁଦ୍ଧିଜୀବୀ ଓ ସାମ୍ବାଦିକଙ୍କ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଏକ କୋଟି ଟଙ୍କା ପ୍ରଦାନ

ପାରାଦୀପ,(ପି.ଏନ): ବିଶ୍ୱର ସର୍ବବୃହତ୍ତ ସମବାୟ ଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଏକ କୋଟି ଟଙ୍କା ପ୍ରଦାନ କରାଯାଇଛି । ଇଫକୋଇ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଗସ୍ତିଙ୍କ ସହିତ ପାରାଦୀପ ଇଫକୋ ୟୁନିଟ୍ ମୁଖ୍ୟ ତଥା ନିର୍ଦ୍ଦେଶକ କେ.ଜେ.ପଟେଲ ଏବଂ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ୫ଟି ସଚୀବ ଭି.କେ.ପାଣ୍ଡିଆନ୍‌ଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଆଲୋଚନା ସମୟରେ ଡ.ଅଗସ୍ତି ଇଫକୋ ଦ୍ୱାରା ଓଡିଶା ରାଜ୍ୟରେ କରାଯାଉଥିବା ବିଭିନ୍ନ ପୁଞ୍ଜି ବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପରେ ଡ.ଅଗସ୍ତି ଏବଂ ତାଙ୍କ ଟିମ୍ ଲୋକସେବା ଭବନରେ ଓଡିଶାର ମୁଖ୍ୟ ଶାସନ ସଚୀବ ପ୍ରଦୀପ କୁମାର ଜେନାଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏକ କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ପରେ ଡ.ଅଗସ୍ତି ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀୟୁଙ୍କ ଦର୍ଶନ କରି ମନ୍ଦିରର ବିକାଶ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ୧୧ ଲକ୍ଷଟଙ୍କା ଦାନ କରିଥିଲେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

## ଚଣ୍ଡିଖୋଲ କୋର୍ଟରେ ଆନ୍ତର୍ଜାତୀୟ ମହିଳା ଦିବସ



ଦର୍ପଣ,(ପି.ଏନ):ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ତାଲୁକ କେନ୍ଦ୍ରର ଅଧ୍ୟକ୍ଷ ତଥା ବିଚାରପତି ପରବିନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଇନ ସଚେତନତା କାର୍ଯ୍ୟକ୍ରମରେ ସବଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ବିଚାରପତି ଲକ୍ଷ୍ମୀପ୍ରିୟା ସ୍ୱାଇଁ, କୋର୍ଟ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ସଂପାଦକ ପ୍ରକାଶ କୁମାର ଦାଶ, ଏ.ଜି.ପି. ଶଶାଙ୍କ ଶତପଥୀ, ବରିଷ୍ଠ ଆଇନଜୀବୀ ରେଣୁବାଳା ମହାନ୍ତି, ଆଇନଜୀବୀ ଜାଗୃତି ବାରିକ, ଶାରଦା ଯୋଗମାୟା ନାୟକ, ଜ୍ୟୋତିର୍ମୟୀ ସ୍ୱାଇଁ, ଲୋମାରାଣୀ ନାୟକ, ବେବିନା ଓଝା, ରୋଜାଲିନ ସାହୁ, ନିଗମାନନ୍ଦ ପାତ୍ର ଦେବଜାନୀ ମିଶ୍ର ପ୍ରମୁଖ ଯୋଗଦେଇ ଭୃଣହତ୍ୟା ନିରୋଧ ଆଇନ, ପୋକସୋ ଆଇନରେ ପିଡିତାଙ୍କୁ କ୍ଷତିପୂରଣ ଯୋଜନା, କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ନିର୍ଯ୍ୟାତନା ଓ ଶୋଷଣ ବିରୁଦ୍ଧରେ ଆଇନ ସଚେତନତା ତଥା ମହିଳା ସଶକ୍ତିକରଣ ସଂପର୍କରେ ଆଲୋକପାତ କରିଥିଲେ। ରିଟେନର ବିଜୟ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ତାଲୁକ ସଂପାଦକ ସୌମ୍ୟରଞ୍ଜନ ସାମଲ, ଷ୍ଟାଫ ଇତିଶ୍ରୀ ନାୟକ, ସମେତ ପ୍ରିୟଦର୍ଶନୀ ସାହୁ ଓ ସ୍ନେହଲତା ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ମହିଳା ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପକ୍ଷରୁ ବୁଧବାର ଦିନ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜୟଦେବ ସଦନ ପରିସରରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାରୋହକୁ ଉଦଘାଟନ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ । ବୈଦିକ ଯୁଗରେ ନାରୀମାନେ ବେଶ୍ ପରାକ୍ରମୀ ଥିଲେ, ସମାଜ ଗଠନରେ ସେମାନେ ପ୍ରମୂଖ ଭୂମିକା ନିର୍ବାହ କରୁଥିଲେ । ଆଜିର ଦିନରେ ନାରୀମାନେ ସଫଳତାର ଶୀର୍ଷ ସୋପାନରେ ପହଂଚି ପାରିଲେଣି । ଏଥି ପାଇଁ ନାରୀମାନଙ୍କୁ ଆଜିବି ସମାଜରେ ଗୁରୁତ୍ୱ ଦିଆଯାଉଛି ବୋଲି ମତବ୍ୟକ୍ତ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ହରନାଦ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା.ରଂଜିତା ପଟ୍ଟନାୟକ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ମହିଳାମାନଙ୍କୁ ଅଧ୍ୟକ୍ଷ ଶ୍ରୀ ହରନାଦ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ହରନାଦ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କାନମାସ ପକ୍ଷରୁ ଏକ ନାଟକ ପରିବେଶିତ ହୋଇଥିଲା । ବନ୍ଦରର ଅଧିକାରୀ, କର୍ମଜୀବୀ ମହିଳା ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।




## ପାରାଦୀପ ଅଂଚଳରୁ ଗୁପ୍ତଚର ପାରା ଜବତ- ପୋଲିସର ତନାଘନା

ପାରାଦୀପ,(ପି.ଏନ): ପାରାଦୀପ ଠାରୁ ୪୦ ନଟିକାଲ୍ ମାଇଲ୍ ଦୂର ସମୁଦ୍ରରେ ମାଛ ଧରୁଥିବା ଏକ ମାଛଧରା ଡଙ୍ଗାରୁ ଏକ ଗୁପ୍ତଚର ପାରା ଉଦ୍ଧାର ହେବା ପରେ ଏହା ପୋଲିସ୍‌କୁ ହସ୍ତାନ୍ତରିତ କରାଯାଇଛି । ପାରାଦୀପ ଏଏସପି ନିମାଇଁ ଚରଣ ସେଠୀଙ୍କ ଠାରୁ ପ୍ରକାଶଯେ, ନେହେରୁ ବଙ୍ଗଳାଠାରେ ଥିବା ପାରାଦୀପ ମାଛଧରା ବନ୍ଦରରୁ ସାରଥୀ ନାମକ ଏକ ମାଛଧରା ଡଙ୍ଗା ମାଛଧରିବା ପାଇଁ ସମୁଦ୍ର ମଧ୍ୟକୁ ଯାଇଥିଲା । ପାରାଦୀପଠାରୁ ପ୍ରାୟ ୪୦ ନଟିକାଲ ମାଇଲ୍ ଦୂର କୋଣାର୍କ ନିକଟରେ ମାଛଧରୁ ଥିବା ସମୟରେ ହଠାତ୍ ଏକ ପାରା ଆସି ମାଛଧରା ଡଙ୍ଗାରେ ବସି ଯାଇଥିଲା । ମାଛଧରା ଡଙ୍ଗାର କର୍ମଚାରୀମାନେ ପାରାଟିକୁ ଧରି ରଖିଥିଲେ । ପାରାର ଗୋଟିଏ ଗୋଡରେ କ୍ୟାମେରା ଓ ଅନ୍ୟ ଗୋଡରେ ଏକ ଚିପ୍ ଲାଗିଥିବା ଦେଖି କର୍ମଚାରୀମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ବୁଧବାର ଦିନ ମାଛଧରା ଡଙ୍ଗାଟି ପାରାଦୀପ ଫେରିବା ପରେ ନିକଟସ୍ଥ ପାରାଦୀପ ମେରାଇନ୍ ଥାନା ଅଧିକାରୀଙ୍କୁ ପାରା ହସ୍ତାନ୍ତରିତ କରିଥିଲେ ।

## ବିଷାକ୍ତ ଗ୍ୟାସ୍ ଏବଂ ସର୍ବୋତ୍ତମ ଅଭ୍ୟାସ ପରିଚ୍ଚାଳନାରେ ସୁରକ୍ଷା" ଉପରେ ଉପ-ବିଭାଗୀୟ ସ୍ତରୀୟ କର୍ମଶାଳା

ଦାନଗଦୀ (ପି ଏନ ଏସ ) ମାର୍ଚ୍ଚ ୯, ୨୦୨୩: - କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ, ଯାଜପୁର ରୋଡ ଡିଭିଜନ, ଓଡ଼ିଶା ସରକାର ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୁରଭଞ୍ଜ ର ବିଭିନ୍ନ କାରଖାନାର କର୍ମଚ୍ଚାରୀଙ୍କ ମଧ୍ୟରେ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ଏବଂ ଶୂନ୍ୟ କ୍ଷତି ହାସଲ କରିବା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କଳିଙ୍ଗନଗର ଗଉଚଖ ହୋଟେଲରେ ଏକ ସବ-ଡିଭିଜନାଲ ସ୍ତରୀୟ କର୍ମଶାଳା ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟନିର୍ବାହୀ, ପରିଚ୍ଚାଳକ, ସୁରକ୍ଷା ଅଧିକାରୀ ଏବଂ ସୁପରଭାଇଜରଙ୍କ ସମେତ ୧୦୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। କର୍ମଶାଳାର ବିଷୟବସ୍ତୁ ଥିଲା "ବିଷାକ୍ତ ଗ୍ୟାସ୍ ଏବଂ ସର୍ବୋତ୍ତମ ଅଭ୍ୟାସ ପରିଚ୍ଚାଳନାରେ ସୁରକ୍ଷା"। ନିରାପତ୍ତା, ବୃତ୍ତିଗତ ସ୍ୱାସ୍ଥ୍ୟ, ଏକ ଉତ୍ତମ କାର୍ଯ୍ୟ ପରିବେଶ, ସୁସ୍ଥ କାର୍ଯ୍ୟ ପରିସ୍ଥିତି ଏବଂ କାରଖାନାଗୁଡ଼ିକରେ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ



କରିବା ପାଇଁ ନିର୍ଦ୍ଦେଶାଳୟ ଲକ୍ଷ୍ୟ ରଖିଛି । କର୍ମଶାଳା ସମୟରେ ଆମୋନିଆ ଏବଂ ଅନ୍ୟାନ୍ୟ ପେଟ୍ରୋଲିୟମ ପଦାର୍ଥ ଭଳି ବିଷାକ୍ତ ଗ୍ୟାସର ନିୟନ୍ତ୍ରଣ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଭାବେ ଆଲୋଚ୍ଚନା କରାଯାଇଥିଲା । ମୁଖ୍ୟ ଅତିଥି, ଏଡିଏମ୍ କଳିଙ୍ଗନଗର , ଶ୍ରୀ ସନ୍ତୋଷ କୁମାର ମିଶ୍ର କାରଖାନାଗୁଡ଼ିକରେ ଦୁର୍ଘଟଣା ହ୍ରାସ ଏବଂ ଏହି ପ୍ରସଙ୍ଗରେ ସରକାରଙ୍କ ଚ୍ଚିନ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଯାଜପୁର ରୋଡ ଡିଭିଜନର କାରଖାନା ଏବଂ ବାଷ୍ପୀତ୍ର ଉପ ନିର୍ଦ୍ଦେଶକ ଇଂ. ଉମେଶ ଚ୍ଚନ୍ଦ୍ର ସୂତାର ଏହି ସମାବେଶକୁ ସମ୍ବୋଧିତ କରି ବିଷାକ୍ତ ଗ୍ୟାସ ପରିଚ୍ଚାଳନାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଡିଏଫବି, ବାଲେଶ୍ୱର, ଇଂ. କେଦାରନାଥ ହାଁସଦା ମଧ୍ୟ ଏହି ଉତ୍ସବରେ ଅନୁଗ୍ରହ ପ୍ରକାଶ କରିଥିଲେ। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ଯାଜପୁର, ର ୟୁନିଟ୍ ହେଡ୍ ଶ୍ରୀ ଦୀପକ ଅଗ୍ରୱାଲ; ବ୍ୟବସାୟୀକ ମୁଖ୍ୟ (ପ୍ରଥମ ପର୍ଯ୍ୟାୟ), ଜିନ୍ଦଲ ଷ୍ଟେନଲେସ୍, ଶ୍ରୀ ଏ କେ ସିଂ; ନିର୍ଦ୍ଦେଶକ, ଭିସା ଇସ୍ପାତ, ଶ୍ରୀ ମନୋଜ କୁମାର ଏବଂ ଇଏଚ୍ଚଏସ ମୁଖ୍ୟ, ଜିନ୍ଦଲ ଷ୍ଟେନଲେସ୍, ଶ୍ରୀ ମନୋଜ କୁମାର ବଳ କର୍ମଶାଳାରେ ଯୋଗ ଦେଇ ଆଚ୍ଚରଣ ଭିତ୍ତିକ ସୁରକ୍ଷା (ବିବିଏସ୍) ଅଭ୍ୟାସ ଗ୍ରହଣ କରିବାର ଗୁରୁତ୍ୱ ବିଷୟରେ କହିଥିଲେ।

## ତାଲୁକ ଆଇନ ସମିତି ଓ ଉତ୍କଳ ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଖୋର୍ଦ୍ଧା,(ପି.ଏନ): " ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ, ରମନ୍ତେ ତତ୍ର ଦେବତା"। ଏହା ଥିଲା ପ୍ରାଚୀନ ଭାରତର ବାଣୀ ଓ ଆଦର୍ଶ। ଯେଉଁଠାରେ ନାରୀକୁ ପୂଜା କରାଯାଏ ସେଠାରେ ଦେବତା ମାନେ ବିହାର କରନ୍ତି। ସେତେବେଳେ ଏହା କେବଳ ଏକ ଧ୍ୱନି ନଥିଲା ଏହା ଥିଲା ଏକ ସାମାଜିକ ପ୍ରତ୍ୟୟ। ପ୍ରାଚୀନ ଭାରତରେ ନାରୀର ମର୍ଯ୍ୟାଦା ସମ୍ପର୍କରେ ଭୂରି ଭୂରି ପ୍ରଶଂସା କରାଯାଇଛି ବୋଲି ଆନ୍ତର୍ଯାତିକ ମହିଳା ଦିବସ ପାଳନ ଅବସରରେ ମଂଚାସିନ ଅତିଥି ମାନେ ନିଜର ମତବ୍ୟକ୍ତ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ଓ ତାଲୁକ ଆଇନ ସମିତି ମିଳିତ ଆନୁକୂଲ୍ୟରେ ମହିଳା ମାନଙ୍କ ସୁରକ୍ଷା ଉପରେ ଏକ ଆଲୋଚନା ଚକ୍ର ସ୍ଥାନୀୟ କୋର୍ଟ ପରିସରରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୂଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ ବିଚାର ବିଭାଗ ବିଚାର ପତି ସୁରେନ୍ଦ୍ର କୁମାର ପାଢୀ ନିଜର ଅଭିଭାଷଣରେ ନାରୀ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରିବା ସହ ଆଇନର ବୀଭିନ୍ନ ଦିଗରେ ପର୍ଯ୍ୟାଲୋଚନା କରିବା ସହ ଆଇନ ତଥା ବିଚାର ବିଭାଗ ମହିଳା ମାନଙ୍କୁ କିପରି ଦେଶର ମୂଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ସାମାଜିକ,ଅର୍ଥନୀତିକ, ରାଜନିତିକ, ତଥା ଆଇନଗତ ଅଧିକାରକୁ ସୁଦୃଢ଼ କରାଯାଇପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓକିଲ ସଂଘର ସଭାପତ ବିଜୟ କୁମାର ସାମନ୍ତ ସିଂହାର, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା, ବରିଷ୍ଠ ଆଇନଜୀବୀ ଶିଶିର କୁମାର ପରିଡା, ସରକାରୀ ଓକିଲ ତଥା ବରିଷ୍ଠ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ବିକ୍ରମ ଚମ୍ପତି, ଉତ୍କଳ ସାମ୍ବାଦିକ ସଂଘର ମୂଖ୍ୟ ଉପଦେଷ୍ଟା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଧରିତ୍ରୀର ଜିଲ୍ଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ପୁରାଣ ତଥା ଇତିହାସର ବିଭିନ୍ନ ମହିୟସୀ ମହିଳାଙ୍କ ଦୃଷ୍ଟାନ୍ତ ଦେଇ ନାରୀ କିପରି ନିଜର ସତୀତ୍ୱ, ନିଷ୍ଠା, ସହନଶୀଳତା ଯୋଗୁ ପୁଜିତ ହେବାସହ ନିଜକୁ ସମାଜରେ ପ୍ରତିଷ୍ଠା କରିପାରି ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନୃସିଂହ ମିଶ୍ର, ଅଶୋକ ମୋହାପାତ୍ର, ମୋନାଲିଶା ମିଶ୍ର, କୃଷ୍ଣ ଦଳବେହେରା, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ନନ୍ଦିନୀ ପ୍ରଧାନ, ସୁହାନୀ ଶୁଭଦର୍ଶିନୀ, ଶିପ୍ରାରାଣୀ ପାଢୀ, ମନସ୍ୱିନୀ ଦାସ, ପୁଷ୍ପାଂଜଳି ମହାପାତ୍ର, ଅର୍ଣ୍ଣପୁର୍ଣ୍ଣା ପ୍ରଧାନ, ଆଇନ କଲେଜର ସଂପାଦକ ସୁଧିର ମାନସିଂହ, ଉପଦେଷ୍ଟା ଶିକ୍ଷାବୀତ ସତ୍ୟବାଦୀ ବଳିୟାର ସିଂ, ସମାଜସେବୀ ଇତିଶ୍ରୀ ସାହୁ, ତାଲୁକ ଆଇନ ସମିତିର ପ୍ରାକ୍ତନ ସଭ୍ୟା ସୁଷମା ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତି ଶିକ୍ଷୟତ୍ରୀ ଡ.ଚପଳା ପଣ୍ଡା,ପ୍ରମୁଖ ସେମାନେ ନାରୀର ସୁରକ୍ଷା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ସଂଯୁକ୍ତା ପ୍ରସାଦ, ପଦ୍ମିନି ଆଚାର୍ଯ୍ୟ, ସାମ୍ବାଦିକା ଶୁଭଲକ୍ଷ୍ମୀ, ମମତା ରାଣୀ, ସାମ୍ବାଦିକ ପ୍ରଦୀପ ବେହେରା, ତଥା ଖୋର୍ଦ୍ଧାର ବହୁ ମହିଳା ଯୋଗ ଦେଇଥିଲେ। ଶେଷରେ ତାଲୁକ ଆଇନ ସମିତିର ସମ୍ପାଦକ ବସନ୍ତ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray